କଥା ପୁଞ୍ଜ

ଶ୍ରୀ ଉଦୟନାରାୟଣ ମହାନ୍ତ

Digitized by srujanika@gmail.com

କଥା ପୁଞ୍ଜ

ପ୍ରଣେତା ଓ ପ୍ରକାଶକ—

ଶ୍ରୀ ଉଦୟନାରାୟଣ ମହାନ୍ତ

ସହକାରୀ ଶିକ୍ଷକ, ନାରାୟଣଚନ୍ଦ୍ର ହାଇସ୍କୁଲ ଭଦ୍ରଖ

(୨ୟ ସଂସ୍କରଣ)

ସମ୍ବଲପୁର, ଦ କ୍ୱାଲିଟି ପ୍ରିଣ୍ଟର୍ସ
ଦ୍ୱାରା ମୁଦ୍ରିତ ।

୧୯୫୯

ମୂଲ୍ୟ ଟ ୦ ୴ ବାର ଅଣା ।

Digitized by srujanika@gmail.com

ଭୂମିକା

ପୁସ୍ତକ-ସମ୍ବଳିତ କଥାଗୁଡିକ ମଧ୍ୟରୁ ପ୍ରଥମ କଥା ଦୁଇଟି ମୁକୁର ପତ୍ରିକାରେ ପ୍ରକାଶିତ ହେବା ପରେ ଉକ୍ତ ପତ୍ରିକାର ସୁଯୋଗ୍ୟ ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ମହୋଦୟ କଥା ଲେଖାରେ ଅଭ୍ୟାସ ଅକ୍ଷୁଣ୍ଣ ରଖିବାପାଇଁ ଅଧୀନକୁ ଉତ୍ସାହ ପ୍ରଦାନ କରିଥିଲେ । ସେହି ଉତ୍ସାହରେ ପ୍ରଣୋଦିତ ହୋଇ ଯେଉଁ କେତୋଟି କଥା ଲେଖିବାକୁ ପ୍ରୟାସୀ ହୋଇଥିଲି, ତନ୍ମଧ୍ୟରୁ ଚାରିଗୋଟି ଏହି ପୁସ୍ତକରେ ସନ୍ନିବେଶିତ ହେଲା । ମୁକୁରର ସମ୍ପାଦକ ମହୋଦୟ ସାମୟିକ ଉତ୍ସାହ ଦାନ ଦ୍ୱାରା ଜୀବନରେ ମହୋପକାର ସାଧନ କରିଥିବାରୁ ତାଙ୍କଠାରେ ହୃଦୟର କୃତଜ୍ଞତା ଜଣାଉଛି ।

ପ୍ରଣେତା—

Digitized by srujanika@gmail.com

ସୂଚପତ୍ର ।

ବଷୟ	ପୃଷ୍ଠା
ମହତ୍‌ଶିକ୍ଷା	୧
ଚାକର ଧର୍ମଜ୍ଞାନ	୯
ବଧବାର ମୁକ୍ତି	୧୮
କାଶୀରାମଙ୍କ ଥିଏଟର ଦେଖା	୪୧

Digitized by srujanika@gmail.com

କଥାପୁଞ୍ଜ

ମହତ ଶିକ୍ଷା

(ଏକ)

ଅଶ୍ୱିନମାସର ଶୁକ୍ଳପକ୍ଷ ରାତିରେ ଗଣି-ଫୁଲପରି ଜହ୍ନ ପଡ଼ୁଛି । କୁଆ ଗୁଡ଼ାକ ଦିନ ଭ୍ରମରେ କାଆଁ କାଆଁ କରି ଶୋଇଦେଉ ନାହାନ୍ତି, ରାତି ଠିକ୍ ତିନିଘଡ଼ି ଥାଉଁ ସରଦାର ନିଦ ଭାଙ୍ଗିଲା । ସରଦା ବଡ଼ ନିଦ୍ରାଳୁ । ସଞ୍ଜବେଳେ ସାଆନ୍ତାଣୀଙ୍କ ଘରେ 'ମହାଭାରତ' ହୁଏ । ଗାଆଁ ମାଇପେ ସବୁ ଠୁଳ ହୋଇ ପୋଥି ଶୁଣନ୍ତି । ସରଦା ଢିଙ୍କିଟା ପରି ଲମ୍ବ ହୋଇ ପଡ଼ିଥାଏ । ଗାଆଁ ମାଇପେ ତା କାନ ପାଖରେ କେତେ ପ୍ରକାର ସମାଲୋଚନା କରି କହନ୍ତି, "ଏଟା ପୋଥି ଶୁଣୁ ଶୋଉଛି, କୁମ୍ଭୀର ହେବ ।" କିନ୍ତୁ ସରଦା ପାଞ୍ଚହାତ ଲମ୍ବା ଘଙ୍ଟାମାନ ମାରି ତାହାର ଜବାବ ଦେଉଥାଏ । ଶେଷକୁ ଧାନ କୁଟିବା କଥା ହେବାରୁ କାହାରି ପାଟିରୁ ଖସିଗଲେ ସେ ଧଡ଼ପଡ଼କ ଉଠିକି ଲୁଗାପଟା ସମ୍ଭାଳି ନିଏ । ଧନ୍ୟ ଅର୍ଥ ! ତୋ ନାମର ମୋହନ ମନ୍ତ୍ରରେ ନିଜେ ନିଦ୍ରାଦେବୀ ସୁଦ୍ଧା ବିସର୍ଜନ ପାଆନ୍ତି । ରାତି ପାହିଲେ ସାଆନ୍ତାଣୀଙ୍କ ଘରେ ଲକ୍ଷ୍ମୀପୂଜା । ସାଆନ୍ତାଣୀ ଏଥର ନିଜେ ବ୍ରତ କରିଛନ୍ତି । ରାତି ନ ପାହୁଣୁ କୋଡ଼ିଏ ପୁଡ଼ା ଅରୁଆ କୁଟିଦେଲେ

Digitized by srujanika@gmail.com

କାମରେ ଲଗିବ । କାଲିରେ ସରଦାର ପାଞ୍ଚସେର ରୋଜଗାର । ତେଣୁ ରାତି ତିନିଘଡ଼ି ଥାଉଁ ସରଦା ବିଛଣାରୁ ଉଠି, ଘର ବାହାର ଖରକ ଦେଇ ବାସିକାମ ଶେଷକଲା । ସିଙ୍ଗାପୁରୀ ତୋକଡ଼ାରୁ ଦୁଇଟା ଓ ମେଞ୍ଚାଏ ଚୂନ କାନିରେ ବାନ୍ଧି ସାଆନ୍ତାଣୀଙ୍କ ଦ୍ୱାରେ ରାତି ଦୁଇ-ଘଡ଼ି ଥାଉଁ ହାଜର ହୋଇ ଡାକ ମାରିଲା । ଦଶ ପନ୍ଦର ଡାକ ପରେ କୁଟୁରି-ମାଆର ନିଦ ଭାଙ୍ଗିଲା । ସେ କର୍କଶ ସ୍ୱରରେ ଜବାବ୍ ଦେଲା, "ଏ ପୋଇଲିଟା ଟିକିଏ ଶୋଇ ଦେଲାନାହିଁ ! ଖାଲି କାମ କାମ ହୋଇ ମରିଯାଉଛି ।" ସରଦା କବାଟ ଫାଙ୍କରେ ମୁହଁ ଦେଇ ଉତ୍ତର ଦେଲା—"କଣ କହିଲୁ ? ପୋଇଲି ? ମୁଁ ପୋଇଲି, ମୋ ଘରେ ପଶିଲା କେଉଁ ପୋଇଲୀ ? ନିଜେ ତ ପୋଇଲୀଟା, ନାକୁଆ ନିକେଇ ନିକେଇ ଦିନ ଯାଉନାହିଁ, ଏ ପୁଣି କାହାକୁ ପୋଇଲୀ କହିବ ! କାଡ଼୍ କାଡ଼୍ କବାଟ କାଡ଼୍ ।"

କୁଟୁରିମା ଆଉ କହିବ କଅଣ ? କହି ହେଉଛି ନା ସହି ହେଉଛି, ଭିତରେ ଭିତରେ ଦହି ହେଉଛି । ରାଗରେ କଅଁ କଁଅଁ ନିଦରେ ସିଁଅଁ ସିଁଅଁ ହୋଇ କବାଟ କାଢ଼ିଦେଇ ପୁଣି ଯାଇ ଶୋଇଲା ।

ସରଦା ନିଜର ସ୍ୱଭାବ ସୁଲଭ କଟୂକ୍ତି-ବାଣ ନିକ୍ଷେପ କରିବାକୁ ଲଗିଲା—"ଅ—ଭୁ ଏକା ଶୋଉଛୁ ନା ଆଉ କେହି ଶୁଅନ୍ତି ? ଏହିଉତ୍ତଳ ପରି କୋଡ଼ିଏ ପୁଡ଼ା ଧାନ କୁଟାଯିବ ? ତୋତେ କଣ ଟାହ-ପର ଲାଗୁଛି କଲେ ?" କୁଟୁରିମା ଉତ୍ତର ଦେଲା—"ଚୁପ୍ ! ଏଡ଼େ ବକଝାଟେ ଏଟା ! ଏଇଥିପାଇଁ ତ ଏଟାକୁ ଘରୁ କାଢ଼ିଦେଲି । ସେ ବିଚରାର ଦୋଷ କଅଣ ?"

କୁଟୁରିମା ପାଟିରୁ କଥା ସରୁ ନ ସରୁଣୁ ସରଦା ତାର ସ୍ୱଭା-ବକ ହାଣ୍ଡିଆ ପଟିଟା ମେଲାଇ ଦେଇ ଦୌଡ଼ି ଆସିଲା । "କଅଣ କହିଲୁ ? ଏଡ଼େ ଗରବ ତୋର ? ମୋତେ ସିନା ମୋ ଗୋସିଆଁଟା

Digitized by srujanika@gmail.com

କାଟ଼ିଦେଲ ! ତୁ ଏତେ ଗିରସ୍ତବାଳୀ ହେଲୁ କେଉଁଦିନ ? ଗିରସ୍ତର ମାଇପ, ପୁଅର ମାଆ, କଥା କହିବୁ ତ ମୋ ଅଂକୁ ଆ ?' ଅଇଲୁ ମୋ ଆଗକୁ ଅଇଲୁ, କାଟି, ବାଟି, ଘୋଷି ଘାଣ୍ଟି ଦେବ ତ ।

ପାଟି ଶୁଣି ବଡ଼ ସାଆନ୍ତାଣୀଙ୍କ ନିଦ ଭାଙ୍ଗିଲା । ସେ କବାଟ ଫିଟାଇ ଦେଇ, ଦୁହିଁଙ୍କୁ ଦି'ପଦ କହିଦେଇ, ଧାନ ଟୋକେଇ କାଢ଼ି-ଦେଲେ, କହିଲେ "ତମେ ପାହାରେ ପାହାରେ ଦଉଥାଅ, ମୁଁ ପଛେ ଯାଉଛି"

(ଦୁଇ)

ଦିନ ଦୁଇଘଡ଼ି ହେଲା; ଧାନ-କୁଟା ପ୍ରଥମ ପୁର ଯାଇ ଦ୍ୱିତୀୟ ପୁରରେ ପଡ଼ିଛି । ସାଆନ୍ତାଣୀ ଗୋଡ଼ ଲମ୍ବାଇ ବସି ସୂକ୍ଷ୍ମ ଦେଉ-ଛନ୍ତି ; ଏତିକିବେଳେ କ ଢ଼ିଙ୍କିର ଶଙ୍ଖିଟା ରଟ୍‌କିନା ଭାଙ୍ଗିଗଲା ।

ସରଦା — "ଯା; ଆଜ ନିଆଁ ହବ ! ଶଙ୍ଖିଟା କାହିଁକି କଡ଼ ୨ ହେଉଛି ବୋଲି ମୁଁ କାହ୍ନୁ କହୁଛି, କେହି ଶୁଣିବାର ନାହାନ୍ତି ?

କୁଟ୍‌ଣିମା -- "ଶୁଣି ଆଉ କଅଣ କରିବେ ? ତୋ'ଅର ଟିଏ ବରୁଆ ମଣିଷଟେ ମିଳନ୍ତା ଭଲା, ତା ହାତରେ ଗଳାଇ ଶଙ୍ଖି-କାମ କରନ୍ତା ।"

ସରଦା — "ମୋ ଗଣ୍ଡି କାହିଁକି ସବୁବେଳେ ତୋ ଆଖିରେ ନାଚୁଛି ? ତୋ ଗଣ୍ଡିରେ ନିଆଁ ଲାଗିଲା କି ? ଆଜ ଦିନେ ସିମିତି କଥା କହିବୁ ନାହିଁ ! ମୁଁ କଣ ମଣିଷଙ୍କୁ ତା ହାତରେ ଗଳିବାକୁ କହିଲି ? ବୁଢ଼ା ବାବୁତ ବଗବର ଘରେ ବସିଛନ୍ତି ! ତାଙ୍କୁ କହି-ଥିଲେ ସେ କଣ ହଟେଆ ବଢ଼େଇକି ଡ଼ାକିଆଣି କାଲି ଢିଙ୍କିଟାକୁ ସଜଲ୍ କରି ଦେଇ ନ ଥାନ୍ତେ ?

କୁଟ୍‌ଣିମା — "ସେ କଣ ଘରକୁ ଆସିଛନ୍ତି ଏଇ କାମ କରିବା-ଲାଗି ? କାହାକୁ କି କାମ ବତାଇ ଦେଲ୍ ? ଯେତେବେଳେ କରୁ-ଥିଲେ ସେ ବେଳ ନିଆରା ଥିଲା । ଆଜକାଲି-"

Digitized by srujanika@gmail.com

ସରଦା—"କି-ଲୋ ମା, ଆଜିକାଲି ଇମିତି କଅଁଣ ହେଇ-ଗଲେ କି ? ତୁ ଯିମିତି ଦିନକୁ ଦିନ ରାଣୀ ହୋଇ ଯାଉଚୁ । ନ ଦେଖିଲା ପୁଅ ଦେଖିଲେ, କଚମ କାଢ଼ିଚୁ ବେକରେ ।"

କୁଟୁଣୀମା—"ମଲା ଦଶାହିଆରେ, ମୋ ରାଣୀ ହବା କାହିଁକି ତୋ ବୁକୁରେ ଲାଗିଲା ? ଭଲ କହିଲେ, ଏଥିରେ ମୋ ଗୁହ୍ୟ ପୁରାଣ ଖୋଲୁଚୁ ? ରୁଦ ବାବୁ ଏତେବ ସାହିବଘର ପାଠ ପଢ଼ିଲେ, କଟକ ବାଲେଶ୍ୱର ଚଲେ ଆଇଲେ, ଫଞ୍ଚ ମିଶିପଚରେ ବସାଉଠା କଲେ, ସେ କଣ ଏଇସବୁ କାମ କରିବାକୁ ଯିବେ ?"

ସରିଦା—"କଣ ? ନିଜ ଘରର ନିତାନ୍ତ ଦରକାର କାମ-ଟାଏ ବୁଲିବୁଲି ଗଲାବେଳେ କି ବସିଲା ଉଠିଲା ବେଳେ କଲେ ପାପ ଲାଗିବ ବୋଲି ସାଇବଘର ପାଠରେ ଅଛି ନା ? ଆମ ସାଆନ୍ତ ତ ଏତେ ବଡ଼ିଆ ସାଆନ୍ତ, ଅଗ୍ଗୁ ଆଗୁ ବଡ଼ିଆ ଲୋକଙ୍କ ପାଟରେ ବସା ଉଠା କରନ୍ତି, ପୁଣି ରଜାଦରବାରରେ ବେବର୍ତ୍ତ୍ୟ । ସେ କମିତି ଦିନେ ଦିନେ ଗୁହାଳ କାଢ଼ି ପକାନ୍ତି ?" ଗୋରୁଗାଈ ଅଇଲା ବେଳେ ସେମାନଙ୍କୁ ଘରେ ଭରତି କରିଦିଅନ୍ତି ! ବଦାଡ଼ରୁ କୁଟା ଟେଲି ପକାନ୍ତି । ତାଙ୍କଠୁଁ ଏ କଣ ବଡ଼ ସାଅନ୍ତ ? ଏ 'ଚଉଆଡ଼ା' ଗାଁଆଁ କଥା ଛାଡ, ଅଖ ପାଖ ଗୋଲ ଚଉ-ପାଢ଼ୀରେ ନଳଭଦ୍ର (ବଳଭଦ୍ର) ବିଦ୍ୟାଧରଙ୍କ ପରି ସାଆନ୍ତ ଆଉ କିଏ ଅଛି ? ସାଆନ୍ତାଣୀକ ଅମର ଏତେ ବଡ଼ଘର ଝିଅ, ବଡ଼ଘର ବହୂ, ସେ କେମିତି ସୁଁକେଇ ଦଉଛନ୍ତି ।"

ସାଆନ୍ତାଣୀ ଏମାନଙ୍କ ବାଦ ପ୍ରତିବାଦରେ କିଛିମାତ୍ର ବାଧା ଦେଇ ନ ଥିଲେ । ଧାନ ଗୋଳା, ରଖିଦେଇ ସାନ ଡ଼ଙ୍କିରେ ଚୂନା କୁଟିବାକୁ କହି ଚାଲିଗଲେ । ସେ ଅନ୍ତର ହେବାରୁ କୁଟୁଣୀମା ପୁଣି ଆରମ୍ଭ କଲା, ତୁ'ଟାତ ଦୁଣ୍ଡୀ ମଫସଲିଆଣୀ ! କାଆଳି ପୁଡ଼ି ମ'

Digitized by srujanika@gmail.com

ଆଗରେ ଆସି ଏଠି ଏତେ ଗୁମର କାଢ଼ୁଛୁ । ତୁ ସାଇବଘରର ମାନ-ମର୍ଯ୍ୟାଦା କାହୁଁ ଜାଣିବୁ ? ତୁ ଜାଣୁ ତୋ ଢୋଲକିଟି ବଜାଇ କରିବା କଥା ।”

ସରଦା—“ଅ—ମୁଁ କ ଜାଣେ ଲ ମା ! ସାଇବଘର କଅଣ ଏଇ ମାନ୍ ? ବାପ ଷୋଳ ସାଆନ୍ତର ସାଆନ୍ତ, ସେତ କାମ ଛ’ କାମ କରି ବଞ୍ଚୁଛନ୍ତି ! ପୁଅ ତାଙ୍କଠୁଁ ଜନମ ହେଇ ବାବୁଗିରିରେ ସଢ଼ ପଡ଼ୁଛନ୍ତି । ଆଜକାଲି ସିମିତି କେତେ ପାଠୋଇ ବହୁ-ଅଛନ୍ତି ଯେ—କିଏ କହୁଁଆଡ଼େ ଶୁଣିବ ଲୋ ମା ତାଙ୍କ ହାବରେ ହାଣ୍ଡି କଳା ଲାଗୁନାହିଁ । ଶାଶୁକୁ ପାଆ ତଳେ ଫଟେଇଛନ୍ତି । ହୋଇ-ଥିବ ବା ସାଇବଘର ମାନ ମରଯାଦା ସେଇ ରକମ ! ମୋର ଏତେ କଥା କିଏ ଜାଣେ ?”

କୁନ୍ଦୁଶମା— “ପୋଡ଼ାମୁହିଁ, ଖାଲି ମୋରି ସାଥିରେ ଲାଗିଥିବୁ, ମାନ୍ ଧାନ୍ ଶିଖିବୁ କାହୁଁ ? ଗୁଲ୍ ଗୁଲ୍ ଚୂନା କୁଟିବୁ ଗୁଲ୍ ! ପୋଇଲୀ ଜାଣେନି ପୋଇଲୀଙ୍କ ବେଉସା । ଆଉ କଥା କାହୁଁ ଜାଣିବେ ?

ସରଦା ଆପେ ଭଲ ସାଆନ୍ତାଣୀଟେ ହୋଇଥାନ୍ତୁ, ମୋତେ ଧୋଇଲୀ ବୋଲି କହିଲେ ଶୋଭା ପାଆନ୍ତା ! ମୁଁ ତ ଘଣ୍ଟେ ପୋଇଲୀ ହେଲେ ଘଣ୍ଟେ ମୋ ପହ୍ଲା ଖଣ୍ଡକରେ, ସିଁ ସାଆନ୍ତାଣୀ ହେଉଛନ୍ତି । ତୁ ଯେ ଦିନ ରାତି ଆଠ ପହର ଯାକ ପୋଇଲୀ ପଣିକୁ ।

ଇତି ମଧ୍ୟରେ ସାଆନ୍ତାଣୀ ଆସି ପହଞ୍ଚିଗଲେ । ଦୁହିଁଙ୍କ ବାଦ ପ୍ରତିବାଦ ଶୁଣି ନ ହସି ରହିପାରିଲେ ନାହିଁ । ତୁଲୁଣୀ ତଆରେ କୁଞ୍ଚିକୁ “କୁଞ୍ଚିରେ, ତୋ ମନଆଡ଼େ ଗୋଟେ ବଳ !”

ରୁଦ୍ରଚରଣ ତେଙ୍କି ଶାଳର ସନ୍ନିହିତ ଗୋଟିଏ କୋଠରୀରେ ଶୋଇ କରି ଖବରକାଗଜ ପଢ଼ୁଥିଲେ । ଏମାନଙ୍କ କଥାବାର୍ତ୍ତା କାନରେ ବାଜିବାରୁ କାଗଜ ଖଣ୍ଡି ଛାତି ଉପରେ ପକାଇ ଅବହିତ ଚିତ୍ତରେ ସମାଲୋଚନାଟି ଶୁଣୁ ଶୁଣୁ ନିଦରେ ଶୋଇ ପଡିଲେ ।”

Digitized by srujanika@gmail.com

(ତିନି)

ଏଣୁ ତେଣୁକ ବର୍ଷେ ବିତିଗଲାଣି । ଜ୍ୟୈଷ୍ଠ ମାସର ଝ’ ପହରରେ ତାଳୁଫଟା ଖରା ହେଉଛି । ବେଳବୁଡ଼ିଗଲା ବେଳକୁ ଘଡଘଡ଼ି ଚଡ଼ଚଡ଼ି ମାରି, ଝାଆବତାସ ବହି ଟିକେ ଅସରାଏ ଲେଖେଁ ବର୍ଷା ହେଇ ଯାଉଛି । ରୁଦବାବୁ କଟକ କଲେଜର ଫାଷ୍ଟ୍ୟୁରକ୍ଲାସ୍‌ରୁ ସେକେଣ୍ଡିୟର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଅତି ଆନନ୍ଦରେ ଗ୍ରୀଷ୍ମ ଛୁଟି ଉପଭୋଗ କରିବାପାଇଁ ଘରକୁ ଆସିଅଛନ୍ତି ।

ପଡ଼ିଆପଡ଼ା ଗାଁକୁ “ଅଜାଣ ଗଡ଼ିଆ’ ହାଟ ମାଇଲିଏ ବାଟ । ଆଜି ଗୁରୁବାର, ହାଟପାଳି । ସରଦା କାମ ପାଇଟି ସାରି ଧୂମ୍ ଖାଇବେଳେକ, ହାଟକୁ ବାହାରିଲା । ବର୍ଷା ଅସରାଏ ଆସିବାରୁ ଟିକିଏ ଥମିଗଲା । ଖୁବ୍ ବଡ଼ ଅସରାଏ ବର୍ଷା ହେଲା, ଦାଣ୍ଡ ଘାଟରେ ନାଆ-ଲହଡ଼ୀ ଖେଳିଲା । ପ୍ରାୟ ଘଣ୍ଟାକ ପରେ ବର୍ଷା ଛାଡ଼ି ଯିବାରୁ ଟୋକେଇକାଖରେ ସରଦା ବାହାରି ପଡ଼ିଲା । ସାଆନ୍ତାଣୀଙ୍କ ବଡ଼-ବହୂ, ପଟ୍ଟନାୟକଙ୍କ ସାନବହୂ, ରଙ୍କ ମୁକୁନ୍ଦିଙ୍କ ନାତୁଣୀ ବହୂ ଇତ୍ୟାଦି କେତେ କୋଣ-ଭୂଆସୁଣୀ ଗୁଣ୍ଡା, ମଞ୍ଜୁମ, ସିନ୍ଦୂର, ଅଳତା ଓ ମସଲା ପାଇଁ ଲୁଗ୍ଗାଇ ପଇସା ଦେଲେ । ସେମାନଙ୍କ ଠାରୁ ତାର ମଧ୍ୟ ଦି ଚାରି ପଇସା ଲାଭହୁଏ । ଟୋକେଇ କାଖେଇ ସରଦା ବାହା ବନ୍ଧିଦେଇ ସଡ଼କେ ସଡ଼କେ ଚାଲିଚଲା । ଅଧ ବାଟରେ ଦେଖିଲା, ସାନ ସାଆନ୍ତ ଅର୍ଥାତ୍ ବଳଭଦ୍ର ବିଦ୍ୟାଧରଙ୍କ ସାନ ଭାଇ, କାନ୍ଧରେ ଗୋଟାଏ ଯାଉଁଳି ବୁଜୁଲା ପକାଇ ଆସୁଛନ୍ତି । ତାଙ୍କ ପଛରେ ରୁଦବାବୁ ପରି ଜଣେ ବାବୁ ଆସୁଛନ୍ତି । ପାଖରେ ହେଲା । ଦେଖିଲା, ସାନ ସାଆନ୍ତ ଲୁଗାପଟା ଛାଡ଼ିଦେଇ ଲଙ୍ଗି ଦୁଇଟା ଦୁଇପାଟରେ ଯାଉଁଳି କରି କାନ୍ଧରେ ପକାଇଛନ୍ତି । ପଛରେ ଚାଲିଛନ୍ତି ରୁଦବାବୁ ! ପହରଣରେ ରେଶମୀ-ପାଡ଼ୀ ଧୋତିଟିଏ, ବଡ ଚକଚକିଆ କାମିଜ-

Digitized by srujanika@gmail.com

ଟିଏ । ଢାମିକଟି ଝଡଗଣ୍ଡି ଝିପିଛି । ଗୋଡ଼ କଡରୁ ବେକ ଯାଏ ବଗ ପକ୍ଷୀପରି ଧୋବଲି ।

ସରଦା ପଇସାଟିଏ ପାଇଁ ସାଆନ୍ତଙ୍କ ପାଖରେ ଅଳ କଲା, "ଖାଲି ହାତରେ ଆସିଛି ! ଆଜି କିଛି ମିଳିଯାଉ, ଟୋକେଇ ଯିମିତି ସଉଦାରେ ଭରତି ହୋଇଯିବ ।" ସାଆନ୍ତେ ଅଣ୍ଟିରୁ କାଢ଼ି ପଇସାଟିଏ ସରଦା ହାତକୁ ବଢ଼ାଇ ଦେଲେ । ସରଦା ଆଣିବା ବେଳକୁ ଧୂଅଁସାଇ ଦେଖିଲା; ସାହିଁଜ ବୁଢ଼ୀଲାଇ ଧୂଇ ପାଖରେ ଆହୁରି ଲମ୍ବା ଲମ୍ବା ଝଟା କଣ ବନ୍ଧା ହୋଇଛି ।

ସରଦା କୌତୁହଳାପନ୍ନ ହୋଇ ପଚାରିଲା, "ସେ କଅଣ ସାଆନ୍ତେ ? ଇଲିସି ସୁକୁଆ ନା କଣ ? ଏଗୁଡ଼ାକ ମୋ ହାତରେ ଦଅନ୍ତୁ, ମୁଁ ନେଇଯିମି ତେବେ କାହିଁକି ଏତେ କଷ୍ଟ ପାଇବ ?"

ସାଆନ୍ତ —"କଷ୍ଟ କଅଣ ଲେ ? ଏମିତି ତ ଗଲଣି କାଳକ ! ଲିଜ୍ ଝଟା ନବାକୁ କଣ ମୋର ବଳ ନାହିଁ ? ମୁଁ ଖଣ୍ଡିଆ ନା କୋଢ଼ି ?"

ସରଦା—"ରାମ୍ ରାମ୍ ! ମୁଁ ମରିଯାଁଲେ ମା ! ମୁଁ ଝାଡ଼-ଝଡ଼ ନଏଁ ମୋ ସାଆନ୍ତ । ତମ ହଇଅନ୍ତକୁ ମୋ ହଇଆଛ ଗଲା, ଇମିତି କଥା କେବେ କହିଲେ ମୋ ପାଟିରୁ ଶୁଣିଥିଲ ନା ? ମୁଁ ତମକୁ କୋଢ଼ି କହୁମି ?" ଆଚ୍ଛା, ସାଆନ୍ତେ, ସେ ଝଟା କଅଣ ? କି ସୁକୁଆ ? କେତେ ପଇସା ନେଲ ?"

ସାଆନ୍ତ "ଦୂର ! ଏଟା ଏତେ ଓଲଟେ ! ଏ ଝପଟ ଜୁଟା ଲେ ! ରୁଦ ଖସରେ ଆଣିଥିଲି । ବର୍ଷା ହେଲ ବାଠୋଟା କାଦୁଅ ହୋଇଯାଉଛି । ଅସୁବିଧା ହଉଚି, ପିଲାଲୋକ । ମୁଁ ତାକୁ ଏଥିରେ ବାନ୍ଧି ଦେଉଛି ।"

Digitized by srujanika@gmail.com

ସରଦା—"ମଲତ ମୁଁ ଗଣ୍ଡ ! ବଣାଢଆ ଯୁଗର କ ଓଲଟା ମାନ୍‌ମର୍ଯ୍ୟାଦା ଲୋ ମା !" ଇତ୍ୟାଦି କହି ସରଦା ଠୋ ଠୋ ହସି ହସି ଚାଲିଗଲା । ରୁଦ୍ରବାବୁ ମୁହଁ କୁସୁଣ୍ଡାଇ କଅଣ ଭାବୁଥାନ୍ତି ।

ସରଦା ଅନ୍ତର ହେବାରୁ ସାଆନ୍ତ ବୁଜୁଳା ଓହ୍ଲାଇ ପାଣି ଘେନିବାକୁ ବସିଲେ । ଉଠିଲାବେଳକୁ ରୁଦ୍ରବାବୁଙ୍କ କାନ୍ଧରେ ବୁଜୁଳା ! ଯେତେ ଟଣାଟଣି କଲେ ସୁଦ୍ଧା ସେ ନ ଦେଇ କହିଲେ, "ମୋ ରଣ ତ, ମୁଁ ଧରିଥାଏଁ ।"

ନିଜ ବଡ଼ଲୋକକୁ ମଧ୍ୟ ମନମଧ୍ୟରେ ଶତ ଧିକ୍‌କାର କରି ରୁଦ୍ରବାବୁ ମନେ ମନେ କହୁଥିଲେ "ସରଦା, ତୋ ଶିକ୍ଷା ମୋ ଶିକ୍ଷା ଠାରୁ ବହୁଗୁଣେ ମହତ୍ ।"

Digitized by srujanika@gmail.com

ତାରାର ଧର୍ମ-ଜ୍ଞାନ

(କ)

ଅଇଣ୍ଠୁ, ପଣ୍ଡିତାର ଯେତେବେଳେ ହାତ-ଛଡ଼ା ହୋଇଥିଲା ସେତେବେଳକୁ ତାକୁ ନଅବର୍ଷ ମାତ୍ର ବୟସ । ତା ମାଆ ବାପ ବା ତାଙ୍କ ପୂର୍ବପୁରୁଷ କେବେ ବା କପରି କେଉଁଠାରୁ ଆସି 'ଚହଲପୁର' ଗାଁଆଁରେ ବାସକଲେ ସେ କଥା କେହି ଜାଣେ ନାହିଁ । ସେ ଗାଁଟି ଗୋଟିଏ ବଡ଼-ଶାସନ; ପ୍ରାୟ ଦେଡ଼ଶହ ବ୍ରାହ୍ମଣଘର । ଅଇଁଠାର ପୂର୍ବପୁରୁଷ ବହୁଦିନରୁ କମିତି କ ଜାଣି ଶାସନ ମଝିରେ ଘରକରି ରହିଥିଲେ । ନପଠ ବ୍ରାହ୍ମଣ ଶାସନରେ ଏକା ଅଇଁଠାର ଗୋପାଳ ଘରବାରଟି ଥିଲେ ସୁଦ୍ଧା କେହି କେବେ ତାକୁ ଘୃଣା କରିବାର ଦେଖାଯାଏ ନାହିଁ । କାରଣ ଅଇଣ୍ଠା ମାଆର ଖପରଢ଼ିଆଁ ସ୍ୱଭାବ, ଆଗ୍ରହର ବ୍ୟବହାର, କୌଣସିମତେ ଗାଁଆଁ ବ୍ରାହ୍ମଣୀମାନଙ୍କ ଆଗ୍ରହ ଓ ସୈନ୍ଦୂକତାରୁ ଉଣା ନ ଥିଲା । ସେଥିପାଇଁ ସେ ସମସ୍ତଙ୍କର ଜହ୍ନମାମୁଁ ହୋଇଥାଏ । ବହୁଦିନରୁ ବ୍ରାହ୍ମଣ ମେଳରେ ରହି ତାହାର କୁଳାଗ୍ରର ନଖଣ୍ଡ ସେ ସେହି ଅନୁକ୍ରମରେ ଗଢ଼ି ନେଇଥିଲା । ଗାଁଆଁର ଝିଅ ଝିଆରୀ ବା ସୂର୍ଯ୍ୟମେନଙ୍କ ଘରକୁ ବୋଝ ବେଙ୍କର ଦେବାକୁ ପଡ଼ିଲେ ଆଗେ ଅଇଣ୍ଠା ମାକୁ ଖୋଜାପଡ଼େ । ଅଇଣ୍ଠା ମା ମଧ୍ୟ ଭିନ୍ନ ୨ ଗାଁଆଁକୁ ଥରକୁ ତିନଥର ଯିବା ଆସିବା କରି ସେ ଗାଁଆଁ-ମାନଙ୍କରେ ସବୁ ଭେଦିଥିଲା । ତେଣୁ ସେ କେଉଁ ଗାଁଆଁରୁ କମିତି କଜାଣି ଭୁଠାକନ୍ୟାଟିଏ ଆଣି ନଅବର୍ଷ ବୟସର ପେଟସଣ୍ଡ୍ରା ଆଟିକୁ ହାତ-ଛଡ଼ା କରି ଦେଇଥିଲା । ତାର ସହିତ ଅଇଣ୍ଠାର ହାତ-ଛଡ଼ା ହେଲା ସତ, ତାର ତାର କଅଣ ବା ସେ ତାହାର କଅଣ, ତାହା ସେ

Digitized by srujanika@gmail.com

ଜାଣି ନ ଥିଲା । ସାହାହେଉ ଦୁର୍ଦ୍ଦୈବପାକ ପରସ୍ପରକୁ ଭାଇଭଉଣୀପରି ସ୍ନେହ କରୁଥିଲେ ।

ଅଇଣ୍ଠାମାର ଯେତେବେଳେ କାନ ଫୁଟିଲା ସେତେବେଳକୁ ଅଇଣ୍ଠାର ମୁଣ୍ଡକୁ ହାତ ପାଇଯାଇଥିଲା । ମା ଆଉଁ ଆଉଁ ସେ ଶାସନ ପଣ୍ଡିତଗ୍ରାମ ରଘୁମିଶ୍ରଙ୍କର ଲଗମୁଲିଆ ହୋଇଥିଲା । ମିଶ୍ରଙ୍କ ଘରୁ ଯେଉଁ ଗଜର୍ଣ୍ଣୀକ ଆଣେ ସେଥିରେ ଦୁଇ ପରାଣୀଙ୍କର ବେଶ ଚଳେ । ନିତ ଆଣି ନିତ ଖାଆନ୍ତି, ଦୁଇ ପରାଣୀ ଶୁଆ ଶାରୀ ପରି ଖୁବ୍ ସୁଖରେ ଥାନ୍ତି । ରୋଗ ଶୋକର କଠୋର ଯନ୍ତ୍ରଣା ବା ସଂସାରର ଅନ୍ୟ କୌଣସି ପ୍ରକାର ଚିନ୍ତା ତାଙ୍କର ହୃଦୟରେ ଏ ପର୍ଯ୍ୟନ୍ତ ପ୍ରବେଶ କରି ନ ଥିଲା ।

ଦ୍ୱିତୀୟାଷ୍ଟମୀ (ଦୁତିବାହନ) ଓଷାର ଆଗଦିନ ମିଶ୍ରଙ୍କ ଘରଣୀ ସ୍ୱୟଂ ଅଇଣ୍ଠା ଘରକୁ ଆସି କହିଲେ, "ଆଜି ଚୂଲି ଲଗେଇବୁ ନାହିଁ ଲୋ ମା ! ଆଜି ମୋର ଏକାହାର, ମୁଁ ଭାତ ଦେବି ।"

ଅଇଣ୍ଠା କାମରୁ ଫେରି ଆସିଲା ବେଳକୁ ନିଜେ ମିଶ୍ରାଣୀ ନଦକା ଛ ତିଅଣ କରି ଥାଳିଏ ଭାତ ନେଇ ତା ଘରେ ପହଞ୍ଚିଲେ । ଅଇଣ୍ଠା ଖାଇସାରିବା ଯାଏଁ ନିଜେ ବସି ରହିଲେ । ଅଇଣ୍ଠା ତୃପ୍ତିର ସହିତ ଆକଣ୍ଠ ଭରି ଭୋଜନ ସାରି, ତୁନିତୁନି ଟିକିଏ ପାଟିରେ ଗୁଞ୍ଜି ପଣତକାନିରୁ ତାରି ଆସି ନିଜ ହାତ ଥାଳିରେ ଝାଡ଼ି ଦେଲା । ମିଶ୍ରାଣୀ ତାହା ଆଗରେ ବସି ନାନାପ୍ରକାର କଥାବାର୍ତ୍ତା କହୁଁ କହୁଁ କହିଲେ, ଆରେଲୋ ମାଗୁ ! ତୁ ସବୁଦିନ ଖାଇ ଖାଲି ଖାଇବା କଥା ଜାଣୁ କି ଅଇଣ୍ଠାକୁ ହାତଗଣ୍ଠିରେ ବସାଇ ଜାଣୁ । ଆଉ ଧର୍ମ କର୍ମ କିଛି କରିବୁ କି ନାହିଁ ?"

ତାର ସରଳ ଅବନତ ବଦନରେ ଉତ୍ତର କଲା, "ଆଉ କି ଧର୍ମ କଥା କହୁଛ ମା ? ମୁଁ ତ ହେଉଛି ଅନାଥ, ତମ ଘରପାଇଁ ଗଣ୍ଡେ ଫୁଟାଇବା, ତା ଗୋଡ଼ ଘଷିବା, ଅଇଣ୍ଠା ଧୋଇବା, ତାହାର

Digitized by srujanika@gmail.com

ଅଇଣ୍ଠାରେ ଖାଇବା ଧର୍ମ ବୋଲି ଜାଣିଛୁ ! ଆଉ କ ଧର୍ମ କଥା କହୁଛ ?

ମିଶ୍ରାଣୀ—"ଜାଲ ଓଷା କର୍ । ଅଧା ବଅସର ଗଲ, ଆଉ କେବେ ସେ କଥା ସବୁ କରିବୁ ?"

ଚାଷୀ—"ସତ କହୁଲ ମା । କନ୍ତୁ ମୁଁ ତ ସେ କଥା ଜାଣେ ନାହିଁ । ମୋତେ କଏ ବା ଏକଥା କେବେ କହିଲ ଯେ ମୁଁ କଲି ନାହିଁ ?"

ମିଶ୍ରାଣୀ—"କହିଦେବେ କଅଣ ଲେ ? ତୋ ନିଜ ମନରୁ କହୁ ନାହିଁ, ଆଉ କହିବ କଏ ? ଦେଖୁଛୁ ଗୃହିଁକୁ ତେବେ ବି ଚେତୁନାହୁଁ ଆଉ କହିଦେବ କଏ ?"

"ଚାଷୀ—"ହଉ ! କରିବ କହିଲେ, ସେଥିର ମୋର ହବ କଅଣ ? କଲେ କଅଣ ସୁନାରେ ମୁଣ୍ଡ ବାନ୍ଧିବ ନା ତମ ପରି ହେମି ! ଆଜ ମୋର ଅଭାବ କଅଣ ଯେ ଓଷାକରି ଏଥିରୁ ଅଧିକ କଅଣ ପାଇମି ?"

ମିଶ୍ରାଣୀ—ତୋ'ର କଅଣ ଅଛୁ କହନା ? ଅଧା ବଅସ ଗଲା ଆଜଯାଏଁ ନଗି ପୁଟିଲି ନାହିଁ । ତୋର ବଅସରେ ପରା ନାତି ନାତୁଣୀ ଦେଖିଲେଣି ?

ଚାଷୀ ଲଜ୍ଜାରେ ମ୍ଳାନ-ପ୍ରଭ ହୋଇ କିଛୁକ୍ଷଣ ମଥା ନୁଆଁଇ ବସି ରହିଲା । ତହିଁ ଉତ୍ତାରୁ ଦୀର୍ଘ ନିଶ୍ୱାସଟିଏ ଛାଡ଼ି କହିଲା "ତମେ କହିଲ ଯିନା ମା, ଘରେ ଅଛୁ କଅଣ ଯେ ମୁଁ ଓଷା କରିମି ? ଏତେ କଥାକୁ ମନ ବଳେଇମି ?

ମିଶ୍ରାଣୀ—"ହଁଅ-ଏଇଥିପାଇଁ ଏତେ ଭାବନା ! ସେ କଥା ମୁଁ ଜାଣେ । ତୁ ଓଷା କର" । ଏତକ କହି ମିଶ୍ରାଣୀ ଚାଲିଗଲେ । ଅଇଣ୍ଠା ପିଣ୍ଡାରେ ଶୋଇ ସବୁକଥା ଶୁଣୁଥିଲା ଏହିଦିନ ସଂସାରର ଏକ ବଷମ ଚିନ୍ତା ଉଭୟଙ୍କ ପ୍ରାଣକୁ ଅତି ଗଭୀରଭାବେ ସ୍ପର୍ଶକଲା ।

Digitized by srujanika@gmail.com

ସନ୍ତାନ ଲାଭର ଅଦମ୍ୟ ଅଭିଳାଷ ଅତି ଖରଭାବେ ଦୁହିଁଙ୍କ ପ୍ରାଣକୁ ଆଘାତ କରିବାକୁ ଲଗିଲା । ତାର ସେବର୍ଷ ମିଶ୍ରାଣୀଙ୍କ ଆନୁକୂଲ୍ୟରେ ଓଷାକରି ଫଳ-ପ୍ରତ୍ୟାଶୀ ହୋଇ ରହିଲା । ଦୁଇବର୍ଷ, ତିନିବର୍ଷ, ପାଞ୍ଚବର୍ଷ ଅତୀତ ହେଲା,-କିଛି ନାହିଁ । ଅଶାନ୍ତି ଶାଖା ପ୍ରଶାଖା ମେଲି ସେମାନଙ୍କର ହୃଦୟରେ ସମ୍ବର୍ଦ୍ଧିତ ହେବାକୁ ଲଗିଲା ।

(ଖ)

ମାଘ ମାସରେ ଘଙ୍ଗଡ଼ ଧାନକଟା କଟି ଲଗିଥାଏ । ଶାସନ ଭିତରେ ସବୁଠାରୁ ବେଶି ଜମି ରଘୁ ମିଶ୍ରଙ୍କର । କାହାର କଟାକଟି ଆଖର ହେଲଣି, କାହାର ବା ଆଖର ହେବାକୁ ବସିଲଣି, କାହାର ବା ଅଧାଅଧି ହେଲାଣି, କିନ୍ତୁ ମିଶ୍ରଙ୍କର ଅଧା ହୋଇନାହିଁ ତେଣୁ ମୂଲିଆମାନେ ସକାଳଓଳି ଆଉ ବିଲରୁ ଫେରନ୍ତି ନାହିଁ । ବିଲକୁ ଭାତଯାଏ । ସେହିଠାରେ ଖାଇ ଖରାବେଳ ସାରା କାମରେ ଲାଗନ୍ତି । ଅଇଁଠା ସେଦିନ ବିଲରୁ ଫେରିବା ବେଳକୁ ରାତି ହେଲାଣି ଦୁଇଘଡ଼ି । ଘରେ ପହଞ୍ଚିବା ବେଳକୁ ପିଣ୍ଡାରେ ନିଜେ ମିଶ୍ରାଣୀ, ଓ ଆଉ କେତେକ ଗାଆଁ—ମାଇକିନିଆଁଙ୍କୁ ଏକାଠି ହେବାର ଦେଖି କାରଣ ଜାଣିବାକୁ ଆଉ ବାକି ରହିଲା ନାହିଁ । ସମସ୍ତଙ୍କ ମୁହଁରେ ଏକ ନୂତନ ଆନନ୍ଦ, ନୂତନ ଉତ୍ସାହ ଖେଳି ବୁଲୁଥାଏ । ଆଜି ତାର ଦରିଦ୍ର କୁଟୀର ଅମରାବତୀର ଅମୂଲ୍ୟ ବିଭବରେ ପୂରି ଉଠିଛି । ତାର ସପ୍ତବର୍ଷାବଧି ପୋଷିତ ଆଶା ଆଜି ରତ୍ନଫଳ ପ୍ରସବ କରିଛି । ମିଶ୍ରାଣୀ ମୃଦୁହାସ୍ୟ ପ୍ରକାଶ କରି କହିଲେ, "ହେ ରେ ଅଇଁଠା, ଆରେ ବଧେଇ ପକା, ପଛେ ପୁଅକୁ ଦେଖିବୁ, ସୁଆଗ କରିବୁ ।,, ଅଇଁଠା କିଛିକ୍ଷଣ ନୀରବ ରହି କହିଲା, "ମୁଁ ଅରକ୍ଷିତଟା ! କି ସୁଆଗ ଜାଣେ ମା ? ସବୁ ତ ତମର; ମୋର ସେଥିରେ କଅଣ ଅଛି ?"

Digitized by srujanika@gmail.com

ବଡ଼ ପଣ୍ଡିଆଣୀ କହିଲେ, "ହଁ ରେ ଏଇଟୁକି କହୁଛୁ ଆଜ ପାଞ୍ଚବରଷେ ଏ କଥା କହିବୁ ନା ?" ବାରବରଷର ମଉଳା ପୋଷେ, ଖୁଡ଼ୁଚା ଦେଖିଲେ ଜଙ୍ଘରେ ବସେ' । କାଲିଆ ପୁଣି ଆଉ ପାଞ୍ଚବରଷେ ତୋର ଦୁଃଖ ନବ । ଆମେ ସବୁ ଆସି ସେ ଏତେ ଖିଜମତ୍ କଲୁଁ, ସେତେବେଳକୁ ସେ କଥା ତୋ ମନେଥିବ, ନା ସେ ଖଣ୍ଡି ଆଉ ମନରେ ପଡ଼ିବ ?" ଏହିପରି ସମସ୍ତେ ଏକ ଏକ ପ୍ରକାରରେ ବ୍ୟଙ୍ଗ କଲେ । ମିଶ୍ରାଣୀ କହିଲେ, ହଉ, ଗପିବାର ଏତକ ସଙ୍ଗାଳ । ସମସ୍ତେ ପା-ଧୂଳି ଦେଇଯାଅ, ପିଲାଟି ବଞ୍ଚିଥାଉଁ, ବଡ଼ େ ହେଲେ ପଚାରିବ । ଆଉ ଗୋଟିଏ କଥା, ତାପ୍ସର ଇଆନାଖି ଝିଅଟିଏ ହେଲେ ଅଇଣ୍ଠା କନିଆ ଖୋଜିବା ଦକାରୁ ପାର-ପାଆନ୍ତା ।" ଅଇଣ୍ଠା ଆଉ କିଛି ନ କହି ନୀରବ ରହିଲା । ମିଶ୍ରାଣୀ ଅଇଣ୍ଠାକୁ ନିଜ ଘରକୁ ପଖାଳ ଖୋଇବାପାଇଁ ଡ଼ାକନେଲେ । ଅଇଣ୍ଠା ତାଙ୍କ ସଙ୍ଗରେ ଯାଇ ତରବର ହୋଇ ମଦେ ପିଇଦେଲା । ଖୋଇଲାଁ ପାଇଁ ତା ସାଆନ୍ତାଣୀ ପାଏ ସୋରିଷତେଲ, ଶୁଣ୍ଠି, ପିପ୍ପଳୀକ ଅଦାଜ ପାଏ ଓ ରସୁଣ ଗୁଣ୍ଡାଗଣ୍ଡା ଦେଇ ଯେପରି ନିୟମରେ ଖୋଇବାର କଥା ଅଇଣ୍ଠାକୁ କହିଦେଲେ । ଅଇଣ୍ଠା ମଧ ତଦନୁଯାୟୀ ପ୍ରସୂତିକୁ ଖୋଇଲା ।

ହିନ୍ଦୁ ପରିବାରର ପାରମ୍ପର୍ଯ୍ୟ କୁଳାଚାର ପଦ୍ଧତି ଅନୁଯାୟୀ ଉଠିଆରି, ଏକୋଇଶା ପ୍ରଭୃତି କାର୍ଯ୍ୟ ଶେଷ କରି ତାପ୍ସ ଅନ୍ତୁଡ଼ି-ଶାଳରୁ ବାହାରି ସ୍ୱାମୀ ଓ ପୁତ୍ରର ସେବା ସୁଶ୍ରୂଷାରେ ନିରତ ହେଲା । ନବଯାତ ଶିଶୁ ସେମାନଙ୍କର ନିରାନନ୍ଦମୟ ଶୂନ୍ୟ ଗୃହରେ ଆନନ୍ଦ-ପସରା ଅହରହ ଖୋଲି ଦେଇଥିଲା । ଯୁବକ ଯୁବତୀ ପିଲାଟିକୁ ପ୍ରାଣୁ ଆଧିକ ସ୍ନେହରେ ପାଳିବାକୁ ଲାଗିଲେ । ପିଲାଟି ମଧ୍ୟ ସ୍ନ-ପାଳ-ନରେ ରହି ନନ୍ଦନକାନନର ପୁଷ୍ପ-ପାରିଜାତ ପରି କ୍ରମେ ବୃଦ୍ଧି ଲାଭ କରୁଥିଲା । ଅଇଣ୍ଠା ଓ ତାପ୍ସ ବୃଦ୍ଧକାଳ ବନ୍ଧୁ ସମାଲୋଚନା କରି

Digitized by srujanika@gmail.com

ଶେଷେ ମିଶ୍ରାଣୀଙ୍କ ମତ ନେଇ ପିଲାଟିର ନାମ ଦେଇଥିଲେ—ଦୁଃଖା ।

(ଗ)

ଦୁଃଖା ଜନ୍ମହେଲା ଦିନଠୁଁ ବ୍ରତ ପ୍ରତି ତାଙ୍କର ଅଟଳ ବିଶ୍ୱାସ ଜନ୍ମି ଯାଇ ଥିଲା । ଅଇଣ୍ଣାର ବିଶ୍ୱାସ ମଧ୍ୟ ତଦ୍ରୂପ ବଦ୍ଧମୂଳ ହୋଇ ଥିଲା । ତାଙ୍କ ପ୍ରତିବର୍ଷ ନିୟମିତରୂପେ ଦୁଷ୍ଟବାହନ ଓଷାକରେ ଓଷାଦିନ ବହୁ କାକୁତି ମିନତି କରି ଦୁଃଖାର ଦୀର୍ଘଜୀବନ ଓ ସ୍ୱାସ୍ଥ୍ୟ ଭିକ୍ଷାକରେ ଏ ଓଷା ବ୍ୟତୀତ ସେ ଆହୁରି ଅନେକ ବ୍ରତ ମଧ୍ୟ କରିବାକୁ ଆରମ୍ଭ କରିଥିଲା ।

ଦୁଃଖାକୁ ଆଠବର୍ଷ ବୟସ ସମୟରେ ଥରେ ଜ୍ୱର ହେଲା । ବହୁଚେଷ୍ଟା ସତ୍ତ୍ୱେ ପନ୍ଦରଦିନ କାଳ ସେ ଆରୋଗ୍ୟ ହେଲା ନାହିଁ । ମିଶ୍ରାଣୀ ପ୍ରତ୍ୟହ ଦୁଃଖାକୁ ଦେଖିବାକୁ ଆସନ୍ତି; ତାର ହାତ ମୁଣ୍ଡ ଆଉଁସି ଦେଇ ଈଶ୍ୱରଙ୍କୁ ଜଣାନ୍ତି "ମହାପ୍ରଭୁ ! ଗରିବର ଧାଳଟିକୁ ଭଲକରି ଦିଅ ।" ତାରା ମଧ୍ୟ ମନ ପ୍ରାଣ ଲଗେଇ ଠାକୁରଙ୍କୁ ଡାକୁଥାଏ । ଦିନ ରାତି ୨୪ ଘଣ୍ଟା କାଳ ଦୁଇଜଣ ଯାକ ଭୋକ, ଶୋଷ ଓ ନିଦ ଭୁଲିଯାଇ ଦୁଃଖାର ସେବା ସୁଶ୍ରୂଷାରେ ଲାଗି ରହି-ଥାନ୍ତି । ମିଶ୍ରାଣୀ ଦିନେ ସକାଳୁ ଆସି ଅଇଣ୍ଣାକୁ କହିଲେ,—"ଆରେ ଅଇଣ୍ଣ; ପାଇକ ପଡ଼ାରେ ଲକ୍ଷ୍ମଣନାଥ ବୋଲି ଜଣେ ଖୁବ୍ ଭଲ ବଇଦ ଅଛି ବୋଲି ସମସ୍ତେ କହୁଛନ୍ତି । ତୁ ଯାଇ ତାକୁ ଡାକି ଆଣି ପାରିବୁ କି ?

ଇମିତି ଧାମିତି ତ ମାସେ ଚଲା । ପିଲାଟା ତ ଆସି ବଞ୍ଚଣାରେ ଲାଗିଲାଣି ! ତୁ ଯାଆ ତ, ଏକ୍ଷଣି ମୋ ନାଆଁ କହି ତାକୁ ଡାକି ଆଣିବୁ ! ଥରେ ଦେଖାଇବା, ଦୈଭିକ କପାଳରେ ଯାହାଥାଉ ।

ଅଇଣ୍ଣା ତତ୍‌କ୍ଷଣାତ୍ ଘରୁ ବାହାରି ଗଲା । 'ପାଇକପଡ଼ା' ସେଠାରୁ ଅଧମାଇଲଏ ବାଟ । ସେ ପବନ ଉପରେ ଉଡ଼ିଯାଇ

Digitized by srujanika@gmail.com

ଘଣ୍ଟାକ ମଧ୍ୟରେ ବୈଦ୍ୟଙ୍କୁ ଡାକି ଆଣିଲା । ମିଶ୍ରାଣୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ବୈଦ୍ୟ ମହାଶୟଙ୍କୁ ସେ ନାନାଦି ଅନୁନୟ ବିନୟ କରି ଦୁଃଖୀକୁ ସଅଁପି ଦେଲେ । କବିରାଜ ଅଣ୍ଟିରୁ ନାସଦାନଟା କାଢ଼ି ଜଦର ଦି ଟିପା ଧୂଙ୍ଗି ନେଇ ଗଳାଖଙ୍କାରଟାଏ ମାଇଲେ । ତାପରେ ରୋଗୀର ନାଡ଼ୀ ପରୀକ୍ଷା କରି, ମୁଣ୍ଡ ଠୁଙ୍କାଇ କହିଲେ, "ରୋଗଟା ଟିକେ ଛନ୍ଦକୁ ଆଶ୍ରା କରି ଗଲାଣି । ଆଚ୍ଛା ହଉ, କିଛି ଚିନ୍ତା ନାହିଁ । ଦୁଇପାନରେ ସବୁ ନିକାଶ ହୋଇଯିବ ।" ଏକଥା ଶୁଣି ଅଇଣ୍ଠା, ଡାକ୍ତର ତଥା ମିଶ୍ରାଣୀଙ୍କ ପ୍ରାଣରେ ଆଶାର ସଞ୍ଚାର ହେଲା ।

କିନ୍ତୁ କବିରାଜଙ୍କର ଏ ଦାମ୍ଭିକତାରେ ଚକ୍ରୀ ଭଗବାନ୍ ହସୁଥିବେ । ଭଗବାନ୍ ରାମକୃଷ୍ଣ କହିଅଛନ୍ତି "କବିରାଜ ଯେତେବେଳେ ଏହିପରି ଦାମ୍ଭିକତା ପ୍ରକାଶ କରେ ଭଗବାନଙ୍କୁ ହସ ମାଡ଼େ ।" ସେ କହନ୍ତି "ରଖେ ହରିତ ନିଏ କିଏ ? ନିଏ ହରି ତ ରକ୍ଷେ କିଏ ?" ଯାହାହେଉ କବିରାଜେ ବଟୁଆରୁ ଗୋଟ ଗୋଟ ବଟିକା ଗୁଡ଼ିଏ ବାହାର କରି ସେଥିରୁ ଦୁଇଟି ନିଜେ ଖୁଆଇଲେ; ଆଉ ଦୁଇଦିନ ପାଇଁ ଔଷଧ ଦେଇ ତହିଁ ଆରଦିନ ଆସିବାକୁ କହି ବିଦାୟ ନେଲାବେଳେ ମିଶ୍ରାଣୀ ଅଣ୍ଟିରୁ ଅଧୁଲିଟିଏ କାଢ଼ି ତାଙ୍କ ହାତରେ ଗୁଞ୍ଜିଦେଲେ ।

(ଘ)

ତହିଁ ଆରଦିନ ଆଉ ଔଷଧ ଖୁଆଇବାକୁ ଅବସର ମିଳିଲା ନାହିଁ । ସେଦିନ ରାତି ଅଧ ସମୟରୁ ଅବସ୍ଥା ଗୁରୁତର ହୋଇ ଉଠିଲା । ରାତି ପାହାନ୍ତା ବେଳକୁ ପିଲାଟିର ସର୍ବାଙ୍ଗ ତୁଷାର-ଶୀତଳ ହୋଇଗଲା । ବହୁ ଚେଷ୍ଟା ସତ୍ତ୍ୱେ ସେ ରୋଗ ଆଉ କମିବାର ନୁହେଁ । ମିଶ୍ରାଣୀ ରାତି ଅଧଘଣ୍ଟାଏ ଥାଇଁ ଇଟାଗୁଣ୍ଡ, କୋଳଥ

Digitized by srujanika@gmail.com

ଗୁଣ୍ଡରେ ସେକ ଦେଇ ଦେଖାଗଲେ । ସବୁଚେଷ୍ଟା ବିଫଳ ହେଲା । ଦିନ ଦୁଇଘଡ଼ି ବେଳକୁ ରୋଗୀର ଊର୍ଦ୍ଧ୍ୱ-ଶ୍ୱାସ ଚାଲିବାର ଦେଖି ତାଙ୍କର ଫାକାସି ଉଡ଼ିଲା । ସେ ରୋଗୀର ବିଛଣାରେ ତା ଗୋଡ଼ ତଳେ ପ୍ରସ୍ତରଖଣ୍ଡବତ୍ ସଜ୍ଞାହୀନ ହୋଇ ତଳି ପଡ଼ିଲା । ମୁହୂର୍ତ୍ତକ ମଧ୍ୟରେ ଦୁଃଖୀର ପ୍ରାଣବାୟୁ ତାହାର ନଶ୍ୱର ଦେହ ତ୍ୟାଗକରି କେଉଁବାଟେ କେଉଁଆଡ଼କୁ ଚାଲିଗଲା କେହି ଦେଖି ପାରିଲେ ନାହିଁ । ମିଶ୍ରାଣୀ ମୁଣ୍ଡରେ ହାତ ଦେଇ ଜଡ଼-ପ୍ରତିମାଟି ପରି ବିଛଣା ନିକଟରେ ବସିଥାନ୍ତି । ତାଙ୍କର କରୁଣାପୂର୍ଣ୍ଣ ହୃଦୟ-ଭଣ୍ଡ ଦୁଃଖର ଅସହ୍ୟ ଭରାପରେ ତରଳଯାଇ ଚକ୍ଷୁଦ୍ୱାର ଦେଇ ଅବିରାମ ଧାରାରେ ଲୋତକ ବହି ଆସୁଥାଏ । ଅଇଣ୍ଠା ଉନ୍ମତ୍ତ ପ୍ରାୟ ହତ-ବୁଦ୍ଧି ହୋଇ ଅପର ପାଖରେ ବସି ପଚାରୁଥାଏ,---"କି ମା ! ତମେ ସବୁ ଏମିତି କାହିଁକି ହଉଛ ? ମୋ ବୁଢ଼ାର କଣ ହେଲା କି ? ତମେ ଏମିତି କାହିଁକି ହଉଛ ?" ଅଇଣ୍ଠାର ଏକଥା କର୍ଣ୍ଣରେ ପ୍ରବେଶ କଲାକ୍ଷଣି ତାଙ୍କ ହୃଦୟ ଭାଙ୍ଗି ପଡ଼ିଲା । ସେ ଅସମ୍ଭାଳ ହୋଇ ରଡ଼ି ଛାଡ଼ିଲେ, ଅଇଣ୍ଠା ମଧ୍ୟ ଉନ୍ମତ୍ତ ପ୍ରାୟ ରଡ଼ି ଛାଡ଼ିଲା । କିଛିକ୍ଷଣପରେ ତାର ମଧ୍ୟ ସଜ୍ଞା-ଲାଭକରି ସେ ହୃଦୟ-ବିଦାରକ କ୍ରନ୍ଦନ ରୋଳକୁ ଚତୁର୍ଗୁଣ କରିବାକୁ ଲାଗିଲା । ପଡ଼ୋଶୀମାନେ ଗୋଟିକପରେ ଗୋଟିଏ ଆସି ସମବେଦନା ଅନୁଭବ କରି ଦୁଃଖରେ ମ୍ରିୟମାଣ ହେଲେ ଓ ଦୁଃଖୀର ମାଟି ପିଣ୍ଡଟି ନେଇ ମଶାଣିରେ ପୋଡ଼ି ଆସିଲେ ।

ଏମିତି ୨ ପାଞ୍ଚବର୍ଷ ଅନ୍ତର ହେଲା । ଅଇଣ୍ଠାର ହୃଦୟରେ ପୂର୍ଣ୍ଣଶାନ୍ତି ଆସି ନାହିଁ । ତାହା କେତେକ ପରିମାଣରେ ଶାନ୍ତିଲାଭ କରିବାକୁ କ୍ଷମ ହୋଇଛି । ସେ ଏବେ ପୁଅ କଥା ଭୁଲି ଗୃହଧନ୍ଦା ଓ ସ୍ୱାମୀ ସେବାରେ ପୂର୍ବବତ୍ ନିରତ ହେଲାଣି । ପାଞ୍ଚବର୍ଷ ପରେ ଦୁତିବାହନ ଓଷାର ଆଗଦିନ ମିଶ୍ରାଣୀ ଆସି ତାରକୁ କହିଲେ-

Digitized by srujanika@gmail.com

"କାଲିଠାରୁ ଓଷା ଧର୍ ମା ! ବରଷଟି ବୁଡ଼େଇ ଦବୁ କାହିଁକି ? ଅନେକ ଧନ କରିଥିଲୁ । ଯାହା ହବାରଥା ହୋଇଗଲା । ଇଆଡ ସଂସାରକୁ ଲାଗିଛୁ । ସେଥିପାଇଁ ବରଷ ବୁଡ଼େଇ ଦବା ଭଲ ନୁହେଁ ।"

ତାରା ଦୀର୍ଘନିଃଶ୍ୱାସ ତ୍ୟାଗକରି କହିଲା,—"ହଉ ମା, କହିଲ ଯେବେ, ଓଷା କରିବି ପଛକେ, ଆଉ ଆଶା ରଖିମି ନାହିଁ ।"

Digitized by srujanika@gmail.com

ବିଧବାର ମୁକ୍ତି

କାଞ୍ଚନର କପାଳରେ ଯେ ଏତେ ଲେଖାଥିଲା ତାହା ସେ ସ୍ୱପ୍ନରେ ହେଲେ ଦିନେ ସୁଦ୍ଧା ଭାବି ନ ଥିଲା । ତାର ବାପ ରାଜବଲ୍ଲଭ ଦାସେ ମଲ୍ଲିକାପୁରର ମଧ୍ୟରସୀଦାର ଥିଲେ । ଆଉଦଶ ଦଶ-କୋଶରେ ତାଙ୍କ ଘରର ନା ଡାକଥିଲା । ବୁନିଆଦି ଖାନ୍‌ଦାନରେ ତାଙ୍କର ସରି ହେବାକୁ ଦଶକୋଶ ଭିତରେ କେହି ନ ଥିଲେ । ଅଚଳାଚଳ ସମ୍ପତ୍ତି ! ଭୋଗ କରିବାକୁ ପୁଣି ସେ ଦୁଇପକ୍ଷଣୀ ଓ ଏକମାତ୍ର ଝିଅ କାଞ୍ଚନ ଛଡ଼ା ଆଉ କେହି ନ ଥିଲେ । ବିବାହର ପ୍ରାୟ ଦଶବର୍ଷ ପରେ, ବହୁ ଆରାଧନା ଫଳରେ କାଞ୍ଚନକୁ ପାଇଥିଲେ । ତେଣୁ ବାପ ମା ତାକୁ ବହୁଯତ୍ନରେ କାଖରେ କୋଳରେ ପାଳି ଆଣିଥିଲେ । ବାପ ମା, ଦାସ ଦାସୀ, ପାଇପଡ଼ୋଶୀ ସମସ୍ତଙ୍କର ସ୍ନେହ ଓ ମମତା କାଞ୍ଚନ ଜୀବନକୁ ବାଜବତା ପରି ଘେରି ରହିଥିଲା । ଦୁଃଖ ବା ଶୋକ ସ୍ୱପ୍ନରେ ହେଲେ କେବେ ତା ଅନୁଭୂତିକୁ ଆସି ନ ଥିଲା । ରାଜୁବାବୁ ବହୁଅନୁସନ୍ଧାନ ପରେ ଚମ୍ପକପୁରର ମକଦମ, ରାମଚନ୍ଦ୍ର ମହାପାତ୍ରଙ୍କ ଏକମାତ୍ର ପୁଅ ତ୍ରିଲୋଚନ ହାତରେ କନ୍ୟା ସମ୍ପ୍ରଦାନ କରିଥିଲେ ।

ତ୍ରିଲୋଚନ ରୂପରେ, ଗୁଣରେ, ସବୁଥିରେ କାଞ୍ଚନର ଯୋଗ୍ୟ ପାତ୍ରଥିଲେ । ତେଣୁ ରାଜୁବାବୁ ଓ ତାଙ୍କର ସ୍ତ୍ରୀ କାଞ୍ଚନର ବିବାହରେ ଆଶାତୀତ ଆନନ୍ଦ ଅନୁଭବ କରିଥିଲେ । କାଞ୍ଚନ ମଧ୍ୟ ବାପଘରର ସମକକ୍ଷ ଶ୍ୱଶୁର ଘର ଓ ନିଜର ମନଲାଖି ବରଟି ପାଇ ପ୍ରାଣରେ ପରମ ପରିତୃପ୍ତି ଲାଭ କରିଥିଲା । କିନ୍ତୁ ବିଧି ନିର୍ବନ୍ଧ ଭିନ୍ନପ୍ରକାର ବୋଲି କିଏ ଜାଣିଥିଲା ? କାଞ୍ଚନ ଶାଶୁଘରକୁ ଯିବାର ଦୁଇବର୍ଷ

Digitized by srujanika@gmail.com

ତୁକରୁ ତାହାର ଶାଶୁଙ୍କର କାଳ ହୋଇଥିଲା । ହେଲେ କଅଣ ହେବ, ସେ ଶ୍ୱଶୁରଙ୍କ ଠାରୁ ବାପ ମା, ଶାଶୁଶ୍ୱଶୁର ସମସ୍ତଙ୍କର ସ୍ନେହ ପାଉଥିଲା । ବିବାହର ଠିକ୍ ପାଞ୍ଚବର୍ଷ ପରେ ଥରେ ଭୀଷଣ ମହାମାରୀ କନକପୁରକୁ ଛାରଖାର କରି ପକାଇଲା । ଏହିବର୍ଷ କେତେ ଲୋକଙ୍କର ଯେ ଭେକାଳ ବୁଡ଼ିଲା, ତାହା କଥାରେ କହି ହେବନାହିଁ । ଏହି ସମୟରେ ମଧ୍ୟ କଞ୍ଚନର ସୁନା ସଂସାର ଚୂନା ହେଲା । ତା କପାଳ ଫାଟିଲା ।

କଞ୍ଚନ ଠିକ୍ ସାକ୍ଷାତ୍ କଞ୍ଚନଫୁଲଟିପରି ଲଳିତ ଲାବଣ୍ୟ ପ୍ରଭାରେ ଢଳ ଢଳ, ଗୁଣରେ ମଧ୍ୟ ସୀତା ସାବିତ୍ରୀଙ୍କ ପରି । ଏତେ ସ୍ନେହ, ଏତେ ମମତାର କୋଳରେ ବଢ଼ି ସେଯେ ହୃଦୟରେ ଏତେ ଧୈର୍ଯ୍ୟ ଓ ସହିଷ୍ଣୁତା ସଞ୍ଚିଥିଲା, ଏହା କେହି ଭାବି ନ ଥିଲେ । ତାର କପାଳ ପୋଡ଼ିଗଲା ହିନ୍ଦୁଁ ସେ ଅସୀମ ଧୈର୍ଯ୍ୟ ଧରି, ବୃଦ୍ଧ ଶ୍ୱଶୁରଙ୍କ ସେବାରେ ନିରତ ଥାଇ କି ସୁଖ ଅନୁଭବ କରୁଥାଏ, ତାହା ସେହିଜାଣେ । ମହାପାତ୍ରେ ବହୂକୁ ମା ବୋଲି ଡାକନ୍ତି । ବହୂମଧ୍ୟ ବୃଦ୍ଧ ଶ୍ୱଶୁରଙ୍କୁ ପୁତ୍ର ତୁଲ୍ୟ ସ୍ନେହକରି ସ୍ୱାମୀ-ବିୟୋଗ ଦୁଃଖକୁ ମନରୁ ଦୂର କରିଥିଲା । କିନ୍ତୁ ସେ ତ ପାକଲା ତାଳ ହୋଇଥିଲେ । ତହିଁ ଉପରେ ପୁତ୍ରଶୋକ ରୂପ ଦାରୁଣ ତାପ ତାଙ୍କୁ ସେହିବର୍ଷ ଜରାଜୀର୍ଣ୍ଣ ଜୀବନବୃକ୍ଷରୁ ଝାଡ଼ି ପକାଇଲା । କଞ୍ଚନ ଧୀର-ଗମ୍ଭୀର ଚିତ୍ତରେ ଶ୍ୱଶୁରଙ୍କ ଦଶାହ କ୍ରିୟା ସମାପ୍ତି କଲା । ଉକ୍ତ ଦଶାହ କାର୍ଯ୍ୟରେ କଞ୍ଚନର ବାପା ରାଜୁବାବୁ କନକପୁର ଆସିବେ ବୋଲି ମନରେ ପାଞ୍ଚିଥିଲେ । କିନ୍ତୁ ଝିଅର ଏ ଅବସ୍ଥା ତାଙ୍କ ଆଖିରେ ଅସହ୍ୟ ହେବ ଜାଣି ମନ କଥା ମନରେ ମାରି ରହିଗଲେ । କଞ୍ଚନ ମଧ୍ୟ ତାଙ୍କୁ ଆସିବାକୁ ମନା କରି ପଠାଇଥିଲା । କାରଣ ସେ ବୁଝି ପାରିଥିଲା ଯେ ତାର ଦୁଃଖ ଦେଖି ସେ ଦେହଧରି ରହି ପାରିବେ ନାହିଁ ।

Digitized by srujanika@gmail.com

(୨)

ଛଅମାସ ଅତୀତ ହେଲା । କଞ୍ଚନ ଆଖିପାଣି ଆଖିରେ ମାରି ଶ୍ୱଶୁରସଞ୍ଚିତ ସମ୍ପତ୍ତିରେ ଯଥାତଥା ଚଳୁଥାଏ । ଅବଶ୍ୟ ଖାଇବା ପିନ୍ଧିବାକୁ ତାର ଅଭାବ ନ ଥିଲା । ମରୁଭୂମିର ଯାତ୍ରୀ ନିକଟରେ ଖାଦ୍ୟପାନୀୟ ଭଣ୍ଡାର ପରିପୂର୍ଣ୍ଣଥିଲେ ସୁଦ୍ଧା ତା ପ୍ରାଣରେ ପୁଲକ ସଞ୍ଚାରିତ ହେବା ଦୁରୂହ । ବର୍ତ୍ତମାନ କଞ୍ଚନ ପକ୍ଷରେ ସଂସାର ଧୂଷର ମରୁଭୂମି, ସେ ମରୁଭୂମିରେ ଏକମାତ୍ର ଯାତ୍ରୀ । ତାର ତପ୍ତପ୍ରାଣରେ ସାମୟିକ ଶାନ୍ତି-ଜଳସିଞ୍ଚନ କରିବାପାଇଁ ତା ପାଖରେ ମାଳବୋଲି ଦାସୀଟି ଛଡ଼ା ଆଉ କେହି ନ ଥିଲେ । ଇତିମଧ୍ୟରେ ରାଜୁବାବୁ ଦିନେ ଝିଅର ଅବସ୍ଥା ବୁଝିବା ପାଇଁ ତା ଘରକୁ ଆସିଲେ । ବାପ ଝିଅଙ୍କର ପ୍ରଥମ ସାକ୍ଷାତରେ ଶୋକ ସାଗରର ଯେଉଁ ଉତ୍ତାଳ ତରଙ୍ଗ ଉଠିଲା, ତାହା ଘରଦ୍ୱାର, ବୃକ୍ଷଲତା, ପାହାଡ଼ପର୍ବତ ସବୁ ସମୂଳେ ଉପାଡ଼ି ଭସାଇ ନେବାକୁ ବସିଲା । ଦେଖିବା ଲୋକେ ଦେହଧରି ରହି ପାରିଲେ ନାହିଁ । ସମସ୍ତଙ୍କ ମୁହଁରୁ ବାହାରିଲା,—ବସୁଧା ଫାଟି ଯା !

ସାଇ ପଡ଼ୋଶୀ ରୁଣ୍ଡ ହୋଇ ବାପ, ଝିଅ ଦୁହିଙ୍କୁ ଶାନ୍ତ କରାଇଲେ । କିନ୍ତୁ ଛଅମାସ ହେଲା କଞ୍ଚନର ଯେଉଁ ଦୁଃଖରାଶି କଠିନ ହୋଇ ହୃଦୟରେ ଜମିଯାଇଥିଲା, ତାହା ଆଜି ତରଳି ଯାଉଛି ! ସାମାନ୍ୟ ମୁଠେ ଧୂଳି ବାଲି ନିକ୍ଷେପରେ ଆଗ୍ନେୟଗିରିର ତରଳ ଅଗ୍ନିସ୍ରୋତର ଗତି ନିରୋଧ ଅସମ୍ଭବ ! କଞ୍ଚନ-ହୃଦୟର ତରଳ ଶୋକାଗ୍ନି ଆଜି ତାର ଚକ୍ଷୁ, ନାକ, ମୁହଁ ଦେଇ ଅବିରାମ ଗତିରେ ବହି ବିଧାତାର ଦାରୁଣ ନିଷ୍ଠୁରତାକୁ ସତେ ଯେମନ୍ତ ଧ୍ୱଂସ କରିବାକୁ ବସିଛି । ପଡ଼ୋଶୀଙ୍କ ଶାନ୍ତ୍ୱନାରେ ବହୁକଷ୍ଟରେ ସେ ହୃଦୟରେ ଶୋକ ଚପାଇ ପିତାଙ୍କ ଉପଚାରରେ ଲାଗିଲା । ରାଜୁବାବୁ ଝିଅ ଅପେକ୍ଷା ଶତଗୁଣ ଅଧିକ ଶୋକ ଅନୁଭବ କରି

Digitized by srujanika@gmail.com

ତିନିଦିନ କାଳ ସେଠାରେ ରହିଲେ । ଏହି ତିନିଦିନ କାଳ ଝିଅ-ଘରର ସମସ୍ତ ହାଲଚାଲ ବୁଝି ଶେଷେ ସନ୍ଧ୍ୟାବେଳେ କାଞ୍ଚନକୁ ଡାକି କହିଲେ :—

"ବୁଡ଼ି, ଗୋଟିଏ କଥା କହିବାକୁ ମନ ହେଉଛି । ମନରେ ଯଦି କିଛି ନ ଭାବିବୁ ତେବେ କହିବି ।"

କାଞ୍ଚନ,—"ବାପା, କେତେବେଳେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଗୁରୁଜନ କଥା ଅବଜ୍ଞା କରିଥିବାରୁ କିମ୍ବା ଆଉ କିଛି ସେହିପରି ପାପ କରିଥିବାରୁ ଆଜି ଏ ଅବସ୍ଥା । ଏଥିରେ ଆହୁରି ପୁଣି ଆପଣଙ୍କ କଥା ଅବଜ୍ଞା କରିବି କେଉଁ ସାହସରେ ?"

ରାଜୁବାବୁ,—"ଛି, ମା ! ଏତେ ଗୁଡ଼ାଏ ଦୁଃଖ କରିବା ଉଚିତ ନୁହେଁ । ମନରେ ଏଣୁ ତେଣୁ ଗୁଡ଼ାଏ ସବୁବେଳେ ଭାବିଲେ କିଛି ଲାଭ ନାହିଁ । ତୁ ତ ଅନେକ ଥର ମୋତେ କହିଛୁ, ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ କରନ୍ତି ! ତାଙ୍କ କାର୍ଯ୍ୟରେ ଯେ ଅସନ୍ତୋଷ ପ୍ରକାଶ କରେ ତାର ଇହ କାଳରେ ଶାନ୍ତି ନାହିଁ କି ପରକାଳରେ ଶାନ୍ତି ନାହିଁ । ତୁ ପୁଣି ଧୈର୍ଯ୍ୟ ନ ଧରି ଈଶ୍ୱରଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନ ହୋଇ ଏତେ ଗୁଡ଼ାଏ ଅଶାନ୍ତି ଭୋଗ କରୁଛୁ କିପରି ?"

କାଞ୍ଚନ—"ବାପା, ସେହି ବିଶ୍ୱାସ କେବଳ ଏ ପର୍ଯ୍ୟନ୍ତ ଏ ପୋଡ଼ା ପ୍ରାଣରେ ଶାନ୍ତି ଦେଉଥିଲା । ଆଜି କାହିଁକି ଯେ ମନ ଏତେ ଅଧୀର ହେଉଛି ମୁଁ ଜାଣି ପାରୁନାହିଁ । ହେଉଥାଉ, ଏ ପୋଡ଼ା ହୃଦୟ, ଏ ପୋଡ଼ାମନ ଅସ୍ଥିର ହୋଇ ଆଉ କରିବ କଅଣ ? ଆପଣ କଅଣ ପ୍ରସ୍ତାବ କରିବାକୁ ଇଚ୍ଛା କରିଛନ୍ତି କହନ୍ତୁ । ତାହା ଅଭାଗିନୀର ସର୍ବଥା ଶିରୋଧାର୍ଯ୍ୟ ହେବ ।

ରାଜୁବାବୁ—"ମା, ମୋର ତ ସଂସାରରେ ତୋ ଛଡ଼ା ଆଉ କେହି ନାହିଁ । ପୁଅ ହେଲେ ତୁ; ଝିଅ ହେଲେ ବି ତୁ । ଆମେ

Digitized by srujanika@gmail.com

ଦୁଇଜଣ ମର ମାଟିହେଲେ, ରୋଗ ଯନ୍ତ୍ରଣାରେ ପଡ଼ି ପଡ଼ି ଫାଳକ ଦେହ ଉଇ ଖାଇ ଗଲେ ବି, କଡ଼ ଲେଉଟାଇ ଦେବାକୁ କେହି ନାହିଁ । ସମ୍ପତ୍ତି ଥାଇ ବା କଅଣ ହେବ ? ତାକୁ ବା ଭୋଗ କରିବ କିଏ ? ମୋର ଇଚ୍ଛା, ଏଠାକାର ସମ୍ପତ୍ତି ବାଡ଼ର କିଛି ଗୋଟାଏ କିନାରା କରି ଦେଇ, ତୁ ଘରଠାକୁ ଚାଲ୍ । ସେଠି ଖାଲି ବସି ରହି ସମସ୍ତ ତତ୍ତ୍ୱ ନବୁ, ଆମ ଦି' ଜଣଙ୍କ ମୁହଁରେ ନିଆଁ ନଣ୍ଡାଏ ଦବୁ । ଭଗବାନ୍ ଯେତେବେଳେ ଦେଇ ନାହାନ୍ତି, ତୁ ଥାଉଁ ଥାଉଁ ଅନ୍ୟ କାହାରିଠାରୁ ଗୋଟେ ପୋଷ୍ୟପୁତ୍ର କରିଆଣି ମୁଁ ବା କି ସୁଖ ପାଇବି ? ଏ ସଂସାରରେ ଯଦି ତୋର ଅଭାବ ଅନୁଭବ କରିବାକୁ କେହି ଥାନ୍ତା ମୁଁ କଦାପି ଏ ପ୍ରସ୍ତାବ କରନ୍ତି ନାହିଁ ।"

କାଞ୍ଚନ ବାଷ୍ପଗଦ୍‌ଗଦ କଣ୍ଠରେ ଉତ୍ତର କଲା—ବାପା, ମୁଁ ମଧ୍ୟ ଅନେକ ଦିନରୁ ସେହି କଥା ଭାବୁଥିଲି । ଏ ହତଭାଗିନୀ କପାଳରେ ତ ଗୁରୁଜନ ସେବା ବିଧାତା ଲେଖି ନାହାନ୍ତି । ଯଦି ଆପଣଙ୍କର ଓ ମା'ର ପଦ ସେବାର ସୁଯୋଗ ପାଆନ୍ତି ତେବେ ଏ ଦଗ୍ଧପ୍ରାଣ କେତେକ ପରିମାଣରେ ଶୀତଳ ହୁଅନ୍ତା ।

ରାଜ୍‌ବାବୁ ଆଉ ଅଧିକ କିଛି ନ କହି କ୍ଷଣକାଳ ନୀରବରେ ରହିଲେ । ତହିଁ ପରେ ଦୀର୍ଘ ନିଃଶ୍ୱାସ ତ୍ୟାଗକରି କହିଲେ, "ହେଉ, ତେବେ ଆଜି ଦୁଇ ଚାରିଦିନ ଭିତରେ ଏଠା ସମ୍ପତ୍ତିର କିଛି ଗୋଟାଏ କିନାରା କରି ଦେଇସାରି ତୋତେ ନେଇଯିବି । ଏ ସବୁ ସମ୍ପତ୍ତି କଅଣ କରିବା, ତୁ ଭାବି ମୋତେ କାଲି ଆଡ଼କୁ କହିବୁ । ମୁଁ ଭାବୁଛି, ଏଠାର ଯଦି କେହି ଗରାଖ ମିଳନ୍ତି, ଅଳ୍ପେ ସଳ୍ପେ ଯାହା ହେବ ବିକି କରିଦବା । ଅଧିକ ଗୁଡ଼ାଏ ଆଶାକରି ଏଠାରେ ବସି ରହି ମନରେ ଅଶାନ୍ତି ବଢ଼ାଇବା ଉଚିତ ନୁହେଁ । ସେଠାରେ ଯାହା ଅଛି, ସେଥିରେ ତୋର ଯାହା ଇଚ୍ଛା ହେବ ତାହା କରି

Digitized by srujanika@gmail.com

ପାରିବୁ । ଏ ନ ହେଲେ ଯେ ତୋର କିଛି ଅଭାବ ହେବ ଏପରି ନୁହେଁ ।"

କାଞ୍ଚନ ଆଉ କିଛି ନ କହି ପିତାଙ୍କ ଜଳପାନର ଯୋଗାଡ଼ କରିବାକୁ ଗଲା । ବାପ ଝିଅ ସେ ଦିନ ଖାଇ ପିଇ ସୁଖରେ କଟାଇ-ଗଲେ ।

(୩)

ଦୁଇଦିନ ଗଡ଼ିଗଲା । କାଞ୍ଚନ ସମ୍ପତ୍ତି ବିଷୟରେ ପିତାଙ୍କୁ କୌଣସି ଉତ୍ତର ଦେଇନାହିଁ । ଇତି ମଧ୍ୟରେ ଗାଆଁର ଦାମ ସାଉ, ହରି ପଟ୍ଟନାଇକ, ଯଦୁ ସେନା ପ୍ରଭୃତି ମହାଜନମାନେ ସମ୍ପତ୍ତି ବିକ୍ରିର ସମ୍ବାଦ ପାଇ କାଞ୍ଚନ ନିକଟରେ ନାନାପ୍ରକାର ପ୍ରସ୍ତାବ କଲେଣି । ଦରରେ ମଧ୍ୟ ଉପରକୁ ଉପରକୁ ବଢ଼ିଲେଣି । କିନ୍ତୁ କାଞ୍ଚନ କାହାରିକୁ କିଛି ସଫା ଜବାବ ଦେଇ ନାହିଁ । ବୃନ୍ଦାବନ ରାଜୁବାବୁ ସନ୍ଧ୍ୟାସାରି ଜଳଯୋଗରେ ବସିଥିବା ବେଳେ, କାଞ୍ଚନ ତାଙ୍କ ଆସନ ପାଖରେ ବସି କହିଲା, "ବାପା, ସମ୍ପତ୍ତିର କିଛି ଗୋଟାଏ କିନାରା କରିବାର ଉପାୟ ଭାବିବାକୁ ମୋତେ କହିଥିଲେ । କାଲି ପର୍ଯ୍ୟନ୍ତ ମୁଁ ସେପରି କିଛି ଗୋଟାଏ ଚୂଡ଼ାନ୍ତ ବିଷୟରେ ପହଞ୍ଚି ପାରି ନ ଥିଲି । ହଠାତ୍ କାଲି ରାତିରେ ମୋ ମନରେ ଗୋଟାଏ ଧାରଣା ଉଠିଛି; କ୍ଷମାକଲେ କହିବି ।"

ରାଜୁବାବୁ—ଭୟ ନାହିଁ ମା; ସମ୍ପତ୍ତି ତୋର ! ଯାହା ଇଚ୍ଛା ହେବ ତାହା କରିପାରୁ । ଏଥିରେ କାହାରି କିଛି ଆପତ୍ତିର କାରଣ ନାହିଁ । ଏ ସମ୍ପତ୍ତି ନେଇ ପିତୃକୁଳର ଭଣ୍ଡାରରେ ନ ମିଶାଇଲେ ଯେ ତୋର କିଛି ଅଭାବ ପଡ଼ିବ, ବା ତୋତେ କେହି ଅନାଦର କରିବ, ସେପରି ଭାବ ମନରେ ସ୍ଥାନ ଦେବୁ ନାହିଁ । ସେ ସମ୍ପତ୍ତି ମଧ୍ୟ ତୋର । ତୋର ଯାହା ଇଚ୍ଛା ହେବ ତାହାହିଁ କରିବୁ ।

Digitized by srujanika@gmail.com

କାଞ୍ଚନ—ବାପା, ଏତ ମଧ୍ୟରେ ଅନେକ ଲୋକ ଅନେକ ପ୍ରକାର ଅଯାଚିତ ପରାମର୍ଶ ଦେଲେଣି । ବିପୁଳ ଅର୍ଥ ମଧ୍ୟ କେହି କେହି ଯାଚିଲେଣି । ଆହୁରି ଥୋକେ ସ୍ୱାର୍ଥ-ପର ପୁଅ ଦେବାକୁ ଅଙ୍ଗୀକାର କରି ନାନାପ୍ରକାର ଭବିଷ୍ୟତ୍ ସୁଖର ଛବି ଦେଖାଇଲେଣି । କିନ୍ତୁ ଏ ସବୁ ଠକାମିରେ ମୋର ମନ ଭୁଲିବା ସହଜ ନୁହେଁ । ମୋ ମନରେ ଅନ୍ୟ ପ୍ରକାର ଧାରଣା ଜନ୍ମିଛି ।

ରାଜୁବାବୁ—ତୋ ମନରେ ଯାହା ଧାରଣା ଜନ୍ମିଥିବ ତାହାହିଁ ନିର୍ଭୁଲ୍ । ସେହି ଅନୁସାରେ ନିଶ୍ଚିନ୍ତ କାର୍ଯ୍ୟ କରିବାକୁ ହେବ । ଏମାନଙ୍କର କୂଟ ପରାମର୍ଶ କାନରେ ଶୁଣିବା ନାହିଁ ।

କାଞ୍ଚନ ସଂସାରରେ ଯାହା ଅତି ବଡ଼ ସମ୍ପତ୍ତି ମୋତେ ଆପଣ ଦେଇଥିଲେ ତାହାତ ହରାଇ ବସିଲି । ଅଲକ୍ଷ୍ୟରେ କେଉଁ ବାଟେ କିଏ ମୋ ଆଖି ଆଗରୁ ଓଟାରି ନେଲା ଜାଣି ପାରିଲି ନାହିଁ । ଏ କିବା ସମ୍ପତ୍ତି ! ଆଜି ଅଛି କାଲିକୁ ନ ଥିବ । ବିକିଦେଇ ଯେଉଁ ଟଙ୍କା ପାଇବ ତାହା ଯେ ଚିରଦିନ ଭୋଗ କରିବ ସେପରି ନୁହେଁ । ତେବେ ଏ ସମ୍ପତ୍ତି ଦ୍ୱାରା ଆପଣଙ୍କ ସମାଧି ଓ କୀର୍ତ୍ତିମାନଙ୍କର କିଛି ସ୍ମୃତିଚିହ୍ନ ରଖିପାରିଲେ ମହାପାତ୍ରବଂଶର ନାଁ କିଛିଦିନ ହେଲେ ବଞ୍ଚିଯାଇ ରହନ୍ତା ।

ରାଜୁବାବୁ—ଅତି ଭଲକଥା ମା ! ମୁଁ ଆଗରୁ କହିଛି, ତୋର ଯାହା ଇଚ୍ଛା ହେବ ତାହା କରାଯିବ । ତୋର ଧାରଣା ଅତି ମହତ୍ । କିପରି ସେମାନଙ୍କର ସ୍ମୃତି-ଚିହ୍ନ ରଖିବାକୁ ଚାହୁଁଛୁ, ପ୍ରକାଶ କଲେ ଅଚିରେ ତାହା କରିବାକୁ ଯୋଗାଡ଼ କରିବି ।

କାଞ୍ଚନ—ମୋର ଇଚ୍ଛା, ସମ୍ପତ୍ତିରୁ ଅଧେ ଏହି ଗାଆଁର ମହାଦେବ କନକେଶ୍ୱରଙ୍କ ସେବାପୂଜା ପାଇଁ ଉତ୍ସର୍ଗ କରନ୍ତୁ । ଅପର ଅଧକ ମୋରି ପରି ପୋଡ଼ା କପାଳୀ ଅନାଥାଙ୍କ ଉପକାରରେ ଯେପରି ଲଗିବ ତାହାର ଗୋଟାଏ ବନ୍ଦୋବସ୍ତ କରି ଦେଉନ୍ତୁ ।

Digitized by srujanika@gmail.com

ରାଜୁବାବୁ ଜଣେ ଧାର୍ମିକ ଦେଶହିତୈଷୀ ଲୋକ । ଏକଥା ଶୁଣି ତାଙ୍କ ମନରେ ଯେଉଁ ଅପୂର୍ବ ଆନନ୍ଦ ଜାତ ହେଲା, ଜନ୍ମାବଧି ସେ ସେପରି ଆନନ୍ଦ କେବେ ଅନୁଭବ କରି ନ ଥିଲେ । ପ୍ରକାଶ୍ୟରେ ଝିଅକୁ ଶତପ୍ରଶଂସା କରି ତହିଁ ପରଦିନ ତାହାର ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ କହିଲେ ।

ପରଦିନ ସକାଳେ ରାଜୁବାବୁ ପଠାଖଣ୍ଡିଆନ ଓ ସମସ୍ତ କାଗଜପତ୍ର ଦେଖି ଚଳନ୍ତି ଅଚଳନ୍ତି ସମସ୍ତ ସମ୍ପତ୍ତିର ଗୋଟାଏ ତାଲିକା କରି ପକାଇଲେ । ତଦନନ୍ତର ଝିଅର ଇଚ୍ଛାନୁସାରେ ଚଳନ୍ତି ଅଚଳନ୍ତି ସମ୍ପତ୍ତିର ଅର୍ଦ୍ଧାଂଶ ମହାଦେବଙ୍କ ସେବାପୂଜା ପାଇଁ ଓ ଅପର ଅର୍ଦ୍ଧାଂଶ ଅନାଥା ବିଧବାମାନଙ୍କ ଉପକାର ପାଇଁ ଉତ୍ସର୍ଗ କରି ଦୁଇଟା ଦଲିଲ ନିଜହାତରେ ଲେଖି ଝିଅକୁ ପଢ଼ାଇଲେ । କାଞ୍ଚନ ଦେଖିଲା, ତାହା ମନରେ ଯେଉଁ ସବୁ ଅସ୍ପଷ୍ଟ ଭାବ ଜାତ ହୋଇଥିଲା, ତାହାର ପିତା ସେ ସବୁର ପ୍ରାଞ୍ଜଳ ଟୀକା କରି ଦେଇଅଛନ୍ତି । ତାହାର ସମସ୍ତ ଇଚ୍ଛା ଦଲିଲରେ ପ୍ରକାଶ ପାଇଛି । ତେଣୁ ସେ ଅମ୍ଳାନ ବଦନରେ କଲମଧରି ସେଥିରେ ସ୍ୱାକ୍ଷର କଲା ।

ସବରେଜିଷ୍ଟ୍ରରଙ୍କ କଚେରୀ କନକପୁରରୁ ପ୍ରାୟ ତିନି କ୍ରୋଶ ଦୂରରେ । ପରଦିନ ସକାଳେ ବାପ ଝିଅ ବେଳସୁଁ ଖାଆପିଆ ଶେଷ କରି ଦଶଟାବେଳକୁ କଚେରୀରେ ପହଞ୍ଚିଲେ । ପହଞ୍ଚି କଚେରୀରେ ରାଜୁବାବୁ ଝିଅସହିତ ହାକିମଙ୍କ ଆଗରେ ହାତଯୋଡ଼ି କହିଲେ, "ହଜୁର ! ମୋ ଝିଅର ଦୁଇଟି ଦଲିଲ ସମ୍ପାଦନ କରିବାର ଅଛି । ଦଲିଲ କୌଣସି ଉକିଲ ବା ମୋକ୍ତାରଙ୍କ ପରାମର୍ଶ ନେଇ ଲେଖାହୋଇ ନାହିଁ । କେବଳ ଏହାର ଇଚ୍ଛା ସରଳ ଭାବରେ ଏଥିରେ ପ୍ରକାଶ କରି ଆମ୍ଭେମାନେ ଲେଖିଛୁ । ବର୍ତ୍ତମାନ ଗ୍ରାମଲୋକଙ୍କ ଅଜଣାରେ ଦଲିଲ ସମ୍ପାଦନ ଉଦ୍ଦେଶ୍ୟରେ ଆମ୍ଭ-

Digitized by srujanika@gmail.com

ମାନେ ହାତେ ହାତେ ଏ କାର୍ଯ୍ୟ କରନ୍ତୁ । କାରଣ ଆଜକାଲି ଗ୍ରାମମାନଙ୍କରେ ଠାଉଠର ମାନଙ୍କର ଯେ ଜୁଲମ୍, ସେମାନେ ଶୁଣିଲେ ଆମ୍ଭମାନଙ୍କ ସହସ୍ରରେ କେତେବେଳେ କ ବାଧା ଦେଇ ପାରନ୍ତି । ହଜୁର ଅନ୍ୟ କାହାରିଠାରେ ପ୍ରକାଶ ନ କରି ଦଲିଲ ଦୁଇଟି ରେଜେଷ୍ଟ୍ରୀ କରାଇଦେଲେ ଆମ୍ଭେମାନେ କୃତକୃତ୍ୟ ହେବୁଁ ।"

ହାକିମ ଦଲିଲ ଦୁଇଖଣ୍ଡ ନଜେ ପଢ଼ି କ୍ଷଣକାଳ ଅବାକ୍ ହେଲେ । ତଦନନ୍ତର କଞ୍ଚନ ଓ ରାଜୁବାବୁଙ୍କ ପ୍ରତି ଏକ ଦୃଷ୍ଟିରେ ଚାହିଁ ରହି କଅଣ ଭାବିବାକୁ ଲାଗିଲେ ।

ରାଜୁବାବୁ ହାତଯୋଡ଼ି କହିଲେ, "ହଜୁର, ଦଲିଲରେ ଅବୈଧ ଦୋଷ କିଛି ଥିଲେ ସରଳ ଭାବରେ ଆମ୍ଭମାନଙ୍କୁ ବୁଝାଇ ଦିଅନ୍ତୁ । ଦଲିଲପତ୍ର ଲେଖିବାତ ଆମ୍ଭମାନଙ୍କର ଅଭ୍ୟାସନୁହେଁ ।"

ହାକିମ ବାଷ୍ପ ଗଦ୍‌ଗଦସ୍ୱରରେ କହିଲେ, ଧନ୍ୟ "ତୁମ୍ଭମାନଙ୍କର ସ୍ଥିତ ! ଧନ୍ୟ ତୁମ୍ଭମାନଙ୍କର ଉଦାରତା ! ସତେକଅଣ ତୁମ୍ଭେମାନେ ମନୁଷ୍ୟ ନା କେଉଁ ଉପଦେବତା ? ପନ୍ଦରହଜାର ଟଙ୍କାର ସମ୍ପତ୍ତି ! ଏ ରେଜେଷ୍ଟ୍ରାରି-ଖାନା ହେଲାଦିନରୁ ଏ ଭଳି ମହତ୍ ଦଲିଲ ଏଠାରେ ରେଜେଷ୍ଟ୍ରାରି ହୋଇନାହିଁ ।"

ଏତକ କହିସାରି ଅତିରିକ୍ତ ଫିସ୍ ଦାଖଲ କରିବାକୁ ରାଜୁ-ବାବୁଙ୍କୁ ଇଙ୍ଗିତ ଦେଲେ ଓ ତାହା ଦାଖଲ ହେବାରୁ ସେହିଦିନ ରେଜେଷ୍ଟ୍ରୀ ଫେରାଇଦେଲେ । ବିଦାୟ ନେଲାବେଳେ ହାକିମ ଗାଦିରୁ ଉଠି ପଡ଼ି କଞ୍ଚନ ଓ ତାହାର ପିତାଙ୍କୁ ପ୍ରଣାମକରି ବିଦାୟ ଦେଲେ ।

(୪)

ଦଲିଲ ସମ୍ପାଦନ ଦିନଠାରୁ ତିନିଦିନ ଅତୀତ ହେଲାଣି । ଇତି ମଧ୍ୟରେ ଗାଆଁଟା ଯାକ ସମସ୍ତେ ଜାଣି ଅଛନ୍ତି କଞ୍ଚନର

Digitized by srujanika@gmail.com

ଶତ୍ରୁ ହୋଇ ପଡ଼ିଛନ୍ତି । ରାଜ୍‌ବାବୁଙ୍କ ଉପରେତ ଖଡ଼୍‌ଗହସ୍ତ ! କବଳରେ ପଡ଼ିଲେ ତାଙ୍କ ପ୍ରାଣପର୍ଯ୍ୟନ୍ତ ସଂହାର କରିବାକୁ ମଧ୍ୟ ପ୍ରସ୍ତୁତ ହେଲେଣି । ସମସ୍ତଙ୍କ ଅଜଣାରେ ରେଜିଷ୍ଟ୍ରାରଖାନାକୁ ଯାଇ ଦଲିଲ ରେଜିଷ୍ଟ୍ରି କରିବାର ଦେଖି ସେମାନେ ନାନାପ୍ରକାର କଥା ଭାବିଲେଣି ! ରାଜ୍‌ବାବୁ କୌଶଳ କ୍ରମେ ସବୁ ସମ୍ପତ୍ତି ହସ୍ତଗତ କରିଛନ୍ତି ବୋଲି ଭାବି ସେମାନେ ଏବେ ଉତ୍ୟକ୍ତ ! କେତେକ ଟାଉଟର ରେଜିଷ୍ଟ୍ରେଶନ୍ ଅଫିସକୁ ଯାଇ ହାତଗୁଞ୍ଜା ଅଣ୍ଟାଗୁଞ୍ଜା ଇତ୍ୟାଦିରେ ଅନେକ ବ୍ୟୟକରି ସୁଦ୍ଧା ଦଲିଲର ନକଲ ହାତକରି ପାରି ନାହାନ୍ତି । କାରଣ, କଞ୍ଚନର ଇଚ୍ଛାନୁସାରେ ହାକିମ ତାହା ଯବଦରେ ରଖିଅଛନ୍ତି । ଇତି ମଧ୍ୟରେ ଦଳେ ଦଳେ କଞ୍ଚନର ଘର ଆକ୍ରମଣ କରିବାକୁ ବାହାରିଲେଣି । କିନ୍ତୁ ସୁବିଧା ସୁଯୋଗ ନପାଇ କ୍ଷାନ୍ତ ହୋଇଛନ୍ତି ।

ଆଜି ପୁଣି ହଠାତ୍ ଶୁଣାଗଲା ଯେ ପରଦିନ ସକାଳୁ କଞ୍ଚନ ତା ବାପ ସଙ୍ଗରେ ବାପଘରକୁ ଯିବ । ସେଥିପାଇଁ ସୁଆରି ବେହେରା ବରାତ୍ ହେଲେଣି । ଏ ସମ୍ବାଦ ପାଇ ଗ୍ରାମବାସୀମାନେ ଅଗ୍ନିବାଣ ! ଡାମସାହୁ, ହାଡ଼ିପଲେଇ, ଯଗୁଜେନା ପ୍ରଭୃତି ମୁଖିଆ ଲୋକେ ସମସ୍ତଙ୍କୁ ଡ଼ାକି ଠିକ୍ କରିଛନ୍ତି ଯେ, କାଲି କଞ୍ଚନ ସୁଆରି ବାହାରିଲାବେଳେ ସମସ୍ତେ ଏକଜୁଟରେ ସେମାନଙ୍କୁ ଅଟକ୍ କରି ତା ସମ୍ପତ୍ତି ବାବଦର ହାଲ୍‌ଚାଲ ବୁଝିବେ ଓ ବାପ ଝିଅଙ୍କୁ ଗୋଟାକେତେ ଚଡ଼ାଇ ଠିକଣା ବନାଇବେ ।

ପରଦିନ ସକାଳୁ କଞ୍ଚନ ମାଳ ସହିତ ବାପଘରକୁ ଯିବାପାଇଁ ପ୍ରସ୍ତୁତ ହେଉଥାଏ । ଏହି ସମୟରେ ଗାଆଁରୁ ଜଣେ ଜଣେ ଆସି ଟେର ନେଉଥାନ୍ତି । ନିର୍ଦ୍ଦିଷ୍ଟ ସମୟରେ ଦୁଇଖଣ୍ଡି ସବାରି ସହିତ ବେହେରାମାନେ ଆସି ହାଜର ହେଲେ । ଏତେବେଳକୁ ଗାଆଁସାରା ଲୋକେ ଦଳ ଦଳ ହୋଇ, ଦଳେ ମହାଦେବ ମନ୍ଦିର ପିଣ୍ଡାରେ,

Digitized by srujanika@gmail.com

ଉଠିଲେ କଞ୍ଚନ ଦାଣ୍ଡରେ; ଆଉଦଳେ ଅନ୍ୟ ଏକ ଦାଣ୍ଡରେ ଇତସ୍ତତଃ ବକ୍ଷିପ୍ତ ହୋଇ ଫୁସୁରଫାସର୍ ହେଉଥାନ୍ତି । କଞ୍ଚନ ଯେ ମାଳ ନିଜ ନିଜର ପିନ୍ଧିବା ଲୁଗା ଓ ବିଛଣା ଛଡ଼ା ଅନ୍ୟ ସମସ୍ତ ଆସବାବ, ବାସନକୁସନ, ସୁନାରୁପା ଘରକରଣାରେ ତଳରୁ ତାଳେଯାଏଁ ଯାହା କିଛି ଥିଲା, ସମସ୍ତ ଘର ଭିତରେ ରଖି ଦ୍ୱାର ପକାଇ ଲୁଗା ଖଣ୍ଡିକମାନ ଧରି ରଜ୍ ବାବୁଙ୍କ ଯତ୍ନର ସୁଆର ପାଖକୁ ବାହାରି ଆସିଲେ ।

ଦାଣ୍ଡରେ କେତେକ ଲୋକ ରୁଣ୍ଡ ହୋଇଥିବାର ଦେଖି କଞ୍ଚନ ସେମାନଙ୍କୁ ସମ୍ବୋଧନ କରି କହିଲେ, "ଭାଇମାନେ, ମୋ ନିକଟକୁ ଆସନ୍ତୁ ! ମୁଁ ତମମାନଙ୍କର କିଛି ଦୋଷ କରିନାହିଁ । ମୋର ସଂସା-ରରେ ଆଉ କେହି ନାହିଁ । ତୁମ୍ଭମାନଙ୍କ ଛୁଆପିଲାମାନେ ସମୟେ ସମୟେ ମୋ ପାଖକୁ ଆସି ବସନ୍ତିବୋଲି ମୋର ଦୁଃଖ ଜଣା ହୁଏ ! ଆଜିକୁ ଗୃହବନ୍ଦୀ ହେଲି କାହିଁକି କେଜାଣି ସେମାନେ ମୋତେ ଉପେକ୍ଷା କରିଛନ୍ତି । ମୁଁ ଏ ସଂସାରରୁ ନିରାଶ ହୋଇ ଆଜ ବାପଘରକୁ ଯାଉଛି । ତମର ସ୍ତ୍ରୀ ଲୋକମାନେ'ତ ଥରେ ଆଖି କୋଣରେ ଚାହିଁ-ବାକୁ ଆଉଲେ ନାହିଁ । ଆପଣମାନେ ଏକ୍ଷଣି ମୋର କିଛି ଦୋଷ ଥିଲେ କ୍ଷମା-ଦେଇ ସରଳ ମନରେ ବିଦାୟ ଦେଲେ ମୁଁ ଯାଆନ୍ତି ।"

ସମସ୍ତେ'ତ ଠିକ୍‌ରେ ଥିଲେ । କଞ୍ଚନ ସୁଆରି ପାଖକୁ ଆସିବାର ସମ୍ବାଦ ପାଇ ସମସ୍ତେ ଆସି ମୁହୂର୍ତ୍ତକ ମଧ୍ୟରେ ତା ଦାଣ୍ଡପାଖରେ ରୁଣ୍ଡ ହୋଇଥିଲେ ! କଞ୍ଚନର କଥା ଶୁଣି କେହି କିଛି ନ କହି ଏକାନ ସେକାନ କଥଣ ଫୁସୁରୁଫାସର ହେଉଥାନ୍ତି ।

ଇତ୍ୟବସରରେ କଞ୍ଚନ ଲୁଗାବୁକୁଚିରୁ ଦଲିଲ୍ ଦୁଇଖଣ୍ଡ କାଢ଼ି ଦାମସାହୁ ଇତ୍ୟାଦି ମୁଖିଆଲୋକଙ୍କୁ ପାଖକୁ ଡ଼ାକି କହିଲେ, 'ନେଉନ୍ତୁ, ଏ ଦଲିଲ ! ଥରେ ବଜପାଟିରେ ପଢ଼ି ସମସ୍ତଙ୍କୁ ଶୁଣାନ୍ତୁ । ଏ ଦଲିଲ୍ ଆପଣମାନେ ପଢ଼ି ପାଖରେ ରଖି ଲେଖା ଅନୁଯାୟୀ କାର୍ଯ୍ୟ କରିବେ ।'

Digitized by srujanika@gmail.com

ଦାନସାହୁ ନିଜର ବଡ଼ ପୁଅଟି କାଞ୍ଚନକୁ ଦେବେ ବୋଲି ସ୍ୱତଃ ପ୍ରତିଶ୍ରୁତ ହୋଇଥିଲେ । ଏ କଥା ଶୁଣି ତାଙ୍କ ମନରେ ଭବିଷ୍ୟତ୍-ଗର୍ଭରେ କେତେ ଆଶା ଖେଳିଗଲା । ଆଉ କେତେକ ମଧ୍ୟ ଏହିପରି ପ୍ରସ୍ତାବ କରିଥିଲେ । ସେମାନେ ମଧ୍ୟ ମନେ ମନେ କେତେ ଆଶା ପୋଷଣ କରୁଥାନ୍ତି । ବ୍ୟଗ୍ର ବ୍ୟାକୁଳ ହୋଇ ଦାମ ଦଲାଲ୍ ଦୁଇଖଣ୍ଡ କାଞ୍ଚନ ହାତରୁ ଚିଠିକ ଟାଣିନେଲେ । ଖଣ୍ଡିଏ ଖୋଲି ଉଚ୍ଚସ୍ୱରରେ ପଢ଼ିବାକୁ ଲାଗିଲେ । ଧାଡିକ ପରେ ଧାଡ଼ିଏ ସରିଲା ବେଳକୁ ଗ୍ରାମ-ବାସୀମାନେ ଚକ୍ଷୁବନ୍ଧନ, କର୍ଣ୍ଣବନ୍ଧନ ଓ ହୃଦ୍‌ବନ୍ଧନ ଇତ୍ୟାଦି ନାନା-ପ୍ରକାର ଐନ୍ଦ୍ରଜାଲିକ ବନ୍ଧନରେ ପଡ଼ିଲାପରି ବୋଧ କରୁଥାନ୍ତି । ଖଣ୍ଡିଏ ପଢ଼ାଶେଷ ହୋଇ ଅନ୍ୟ ଖଣ୍ଡିକ ପଢ଼ାଯିବା ବେଳକୁ ପ୍ରାୟ ପ୍ରତ୍ୟେକ ଲୋକ ଗୋଟିଏ ୨ ଟିଙ୍କ ପ୍ରତିମାପରି ଛିଡ଼ା ହୋଇଥାନ୍ତି ।

ଉଭୟ ଦଲିଲ୍‌ରେ ଗ୍ରାମର ପ୍ରତ୍ୟେକ ପରିବାରର ମୁରବି ମାରଫତ୍‌ଦାର ଥିଲେ । ମହାଦେବଙ୍କ ନାମରେ ଯେଉଁ ସମ୍ପତ୍ତି ହୋଇଥିଲା, ତହିଁର ସର୍ତ୍ତ ଥିଲା ଯେ ଗ୍ରାମବାସୀମାନେ ନିଜ ମଧ୍ୟରୁ କୌଣସି ପାଞ୍ଚଜଣଙ୍କୁ ବାଛି ତାଙ୍କ ଉପରେ ସମ୍ପତ୍ତିର ତତ୍ତ୍ୱାବଧାରଣର ଭାର ଦେବେ । ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତିରୁ ଉତ୍ପନ୍ନ ଆୟରେ ଠାକୁରଙ୍କ ସେବାପୂଜାର ଉନ୍ନତି, ମନ୍ଦିରର ଜୀର୍ଣ୍ଣସଂସ୍କାର, ଅତିଥି ଅଭ୍ୟାଗତ ମାନଙ୍କର ସେବା ଇତ୍ୟାଦି କାର୍ଯ୍ୟ ନିର୍ବାହିତ ହେବ । ଦ୍ୱିତୀୟ ଦଲିଲରେ ସର୍ତ୍ତ ଥିଲା ଯେ ତତ୍‌ସମ୍ପର୍କ ସମ୍ପତ୍ତିରୁ ଉତ୍ପନ୍ନ ଆୟରେ ଦରିଦ୍ର ବିଧବାମାନଙ୍କର ଭରଣ ପୋଷଣର ବ୍ୟବସ୍ଥା କରା-ଯିବ । ତହିଁରେ ମଧ୍ୟ ଲେଖାଥିଲା ଯେ କୌଣସି ବାଳବିଧବା ବିବାହ କରିବାକୁ ଇଚ୍ଛା ପ୍ରକାଶ କଲେ ସମାଜ ଇତ୍ୟାଦିର ବାଧା ନ ମାନି ତାକୁ ସାହାଯ୍ୟ କରାଯିବ । ବିଧବାମାନଙ୍କୁ ସ୍ୱାବଲମ୍ବନଶୀଳତା ଶିକ୍ଷା ଦିଆଯିବା ପାଇଁ ଗୋଟିଏ ଘର ତିଆରି ହୋଇ ତହିଁରେ ସେମାନଙ୍କୁ ସୂତାକଟା, ସେତରଞ୍ଜି ବୁଣା, ପାଛିଆ ବୁଣା ଇତ୍ୟାଦି

Digitized by srujanika@gmail.com

ଶିକ୍ଷା ଦିଆଯିବ । ସମ୍ପତ୍ତିରୁ ଉତ୍ପନ୍ନ ଆୟ ଛଡ଼ା ମୂଳସମ୍ପତ୍ତିର କୌଣସି ଅଂଶ ବ୍ୟୟିତ ହେବନାହିଁ । କିମ୍ବା କୌଣସି ପ୍ରକାରେ ହସ୍ତାନ୍ତରିତ ହେବ ନାହିଁ । ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରତିବର୍ଷ ଥରେ ଲେଖାଏଁ ଆୟ ବ୍ୟୟ ତଦନ୍ତ କରିବେ ଏବଂ ଗ୍ରାମବାସୀମାନେ ଉତ୍ତମଭାବରେ ପରି-ଚାଳନା କରୁଥିବା ଯାଏଁ କୌଣସି ସମ୍ପତ୍ତି ଖାସ୍ କରିପାରିବେ ନାହିଁ ।

ଦଲିଲ ଠିକ୍ ପଢ଼ା ସରିଲା ବେଳକୁ ଗୋଟାଏ ଲାଲ୍ ଟାଟ୍ଟୁଘୋଡ଼ା ଉପରେ ଚଢ଼ି ଜଣେ ସାହେବ ପୋଷାକ ପିନ୍ଧି ଆସୁଥିବାର ଦେଖାଗଲା । ଗ୍ରାମବାସୀ ଇତସ୍ତତଃ ହୁଅନ୍ତେ, ରାଜୁବାବୁ କହିଲେ, "ବ୍ୟସ୍ତ ହୁଅନାହିଁ ଭାଇ ! କଲେକ୍ଟର ସାହେବଙ୍କୁ ଆସିବାପାଇଁ ଆମ୍ଭେ-ମାନେ ଅନୁରୋଧ କରିଥିବାରୁ ସେ ଜଣେ ବଡ଼ ଡେପୁଟିଙ୍କୁ ପଠାଇ-ଛନ୍ତି । ସେ ତୁମ୍ଭମାନଙ୍କୁ ସାହାଯ୍ୟ କରିବେ ।"

କହୁଁ କହୁଁ ଘୋଡ଼ା ଆସି ପହଞ୍ଚିଗଲା । କଞ୍ଚନ ଓ ରାଜୁବାବୁ ଯଥା ବିହିତ ସମ୍ମାନ ପ୍ରଦର୍ଶନ କଲା ଉତ୍ତାରୁ କଞ୍ଚନ ତାଙ୍କ ହାତକୁ କୁଞ୍ଚିକାଠି ନେଳାଟି ବଢ଼ାଇ ଦେଇ ହାତଯୋଡ଼ି କହିଲା, "ଗ୍ରାମବାସୀ-ଗଣ, ଏବେ ଏ ଅଗ୍ରଗିମାକୁ ବିଦାୟ ଦିଅ । ସମ୍ପତ୍ତିର ଯାହା ଯେପରି କରିବାକୁ ହେବ କରିବ । ଆଜି ଏ ଅଗ୍ରଗିମାର ମୁହଁ ଚାହିଁବାକୁ ଇଚ୍ଛା କରିବ ନାହିଁ । ଏ ଅପଯଶୀ ଆସି ତମ ଗାଆଁର ବହୁତ କ୍ଷତି କରିଛି ।" ଏତିକି କଥା କହି କଞ୍ଚନ ମୁଆଣ୍ଟରେ ବସିଲା । ରାଜୁବାବୁ ମଧ୍ୟ ମୁଆଣ୍ଟ ଧଇଲେ । ମୁଆଣ୍ଟ ଉଠିଲାବେଳକୁ ଗ୍ରାମବାସୀମାନେ ଆବାଳବୃଦ୍ଧ ଦଣ୍ଡବତ୍ ହୋଇ ପ୍ରଣାମ କଲେ । କେତେକ ମଧ୍ୟ ମୁଆଣ୍ଟ ପାଖେ ପାଖେ ମାଇଲଏ ପର୍ଯ୍ୟନ୍ତ ଯାଇ ବିଦାୟ ଅଣ୍ଡିଲେ ।

Digitized by srujanika@gmail.com

(୫)

କହୁଁ କହୁଁ ବାପଘରେ ଦୁଇବର୍ଷ ବିତିଗଲା । କଞ୍ଚନ ପିତା ମାତାଙ୍କର ସେବା ସୁଶ୍ରୂଷା କରି ପ୍ରାଣରେ ପୂର୍ଣ୍ଣଶାନ୍ତି ଉପଭୋଗ କରୁଥାଏ । ସେମାନେ ମଧ୍ୟ ବାତ୍ସଲ୍ୟ ସ୍ନେହରେ ମଗ୍ନଥାଇ ମହା-ଆନନ୍ଦରେ କାଳ କାଟୁଥାନ୍ତି ।

କଞ୍ଚନ ଯେ କେବଳ ଘର କୋଣରେ ଥାଇ ପିତାମାତାଙ୍କ ସେବା ସୁଶ୍ରୂଷା ଓ ଗୃହକାର୍ଯ୍ୟର ତତ୍ତ୍ୱ ନେଉଥାଏ, ତାହା ନୁହେଁ, ତାଙ୍କର ଇଲାକାବାଡ଼ୀ, ଜମିଜମା, ଗୃହବାସ, ମହାଜନଖାତକ ଇତ୍ୟାଦି ସମସ୍ତ ବିଷୟର ତତ୍ତ୍ୱ ନେଇ ଯେଉଁ କାର୍ଯ୍ୟ ଯେଉଁ ଉପାୟରେ ସୁନ୍ଦରରୂପେ ପରିଚାଳିତ ହୋଇପାରିବ ତାହା ଅତି ବିଚକ୍ଷଣତାର ସହିତ ସମ୍ପନ୍ନ କରୁଥିଲା । ତାହା ବ୍ୟବହାରରେ କେହି କେବେ ଅସନ୍ତୁଷ୍ଟ ହେବାର ଦେଖାଯାଇ ନାହିଁ । ଘରର ମୂଲିଆ ଚାକରଆଠାରୁ ଆରମ୍ଭ କରି ଗୁମାସ୍ତା ଓ କାରପରଦାର ପର୍ଯ୍ୟନ୍ତ ସମସ୍ତେ ତାକୁ ବଡ଼ ଭକ୍ତି କରନ୍ତି ଓ ତାର ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ ତତ୍ପର ଥାନ୍ତି । ଏତେ ଧନ୍ଦା ଭିତରେ, ବିଷୟ ଭିତରେ ପଶିଲେ ସୁଦ୍ଧା ତା ନିଜର ଚେତନ କିଛି ପରିବର୍ତ୍ତନ ଘଟିନାହିଁ । ତାହାର ବାହାରର ବେଶଭୂଷା ଯେପରି ସରଳ ଓ ଆଡ଼ମ୍ବରଶୂନ୍ୟ, ଅନ୍ତରର ହୃଦମୂର୍ତ୍ତି ମଧ୍ୟ ସେହିପରି ଦୟା, କ୍ଷମା, ଶାନ୍ତି ଓ ଭକ୍ତି ରସରେ ପରିପୂର୍ଣ୍ଣ । ସାକ୍ଷାତ୍ ଦେବୀ ମୂର୍ତ୍ତିଟି ପରି ତାର ଶାନ୍ତିପୂର୍ଣ୍ଣ ମୂର୍ତ୍ତିଟି ରାଜୁବାବୁଙ୍କ ପ୍ରାଣରେ ବର୍ତ୍ତମାନ ପୂର୍ଣ୍ଣଶାନ୍ତି ସଞ୍ଚାର କରିଛି ।

କଞ୍ଚନ ପିତୃଗୃହରେ ଯେଉଁ ସମସ୍ତ କାର୍ଯ୍ୟର ଭାର ମୁଣ୍ଡରେ ନେଇ ଚଳୁଥିଲା, ସେ ସମସ୍ତ ମଧ୍ୟରେ ଠାକୁରମନ୍ଦିରର କାର୍ଯ୍ୟର ତତ୍ତ୍ୱନେବା, ତାହାର ପ୍ରଧାନ କର୍ତ୍ତବ୍ୟ ହୋଇ ପଡ଼ିଥିଲା । ବହୁ ପୂର୍ବ-କାଳରୁ ରାଜୁବାବୁ ଓ ତାଙ୍କ ଭାଇଆରମାନଙ୍କର ପୂର୍ବ ପୁରୁଷମାନେ

Digitized by srujanika@gmail.com

ଏ ମନ୍ଦିରଟି ନିର୍ମାଣ କରାଇ ତହିଁରେ ଶ୍ରୀ ଶ୍ରୀ ରସିକରାୟ ଠାକୁରଙ୍କୁ ପ୍ରତିଷ୍ଠା କରାଇଲେ । ଠାକୁରଙ୍କ ସେବାପୂଜା ନିର୍ବାହ ନିମିତ୍ତ ସେହି କାଳରୁ ପ୍ରଚୁର ଜମି ମଧ୍ୟ ଖଞ୍ଜି ଦେଇଥିଲେ । ରସିକରାୟ ଠାକୁରଙ୍କ ପରି ସୁନ୍ଦର କୃଷ୍ଣମୂର୍ତ୍ତି ଅନ୍ୟତ୍ର ବିରଳ । ଠାକୁରାଣୀଙ୍କ ମୂର୍ତ୍ତି ମଧ୍ୟ ତଦପେକ୍ଷା ଆହୁରି ସୁନ୍ଦର । ମନୁଷ୍ୟ ହୋଇ କୌଣସି କାରିଗର ଯେ ଏପରି ସୁନ୍ଦର ମୂର୍ତ୍ତି ଗଠନ କରିପାରେ ତାହା କଳ୍ପନାତୀତ । ଶ୍ରୀମୂର୍ତ୍ତିଙ୍କ ଗଠନ ଓ ସ୍ଥାପନ ବିଷୟରେ ନାନା କିମ୍ବଦନ୍ତୀ ଶୁଣାଯାଏ । ସେ ଗୁଡ଼ିକ ସବୁ ମିଳାଇଦେଲେ ଜଣାଯାଏ ଯେ ସ୍ୱୟଂ ଭକ୍ତବତ୍ସଳ ଭଗବାନ୍ ରାଜାବାବୁଙ୍କର କୌଣସି ପୂର୍ବ ପୁରୁଷଙ୍କ ଭକ୍ତିରେ ମୁଗ୍ଧ ହୋଇ, ରସିକ ମାହାରଣା ନାମକ ପଥୁରିଆ ରୂପରେ ତାଙ୍କ ଘରେ ରହି ଏକସପ୍ତାହ ମଧ୍ୟରେ, ଏ ମୂର୍ତ୍ତିମାନ ନିର୍ମାଣ କରି କେଉଁଆଡ଼େ ଅନ୍ତର୍ହିତ ହୋଇଥିଲେ । ଯାହା ହେଉ ଏପର୍ଯ୍ୟନ୍ତ ଠାକୁରଙ୍କ ସେବାପୂଜା ପୂର୍ବ ନିର୍ଦ୍ଧାରିତ ରୀତିରେ ନିୟମିତ ରୂପେ ନିର୍ବିଘ୍ନରେ ଚାଲି ଆସୁଛି । କଞ୍ଚନ ବାପଘରକୁ ଆସିଲାଦିନରୁ ଠାକୁରଙ୍କ ସେବାପୂଜା ଆହୁରି ଅଧିକ ନିୟମିତ ଭାବରେ ଚାଲି ଆସୁଛି । ଲୋକେ କହନ୍ତି କଞ୍ଚନ ଅମଳରେ ଭଲ ପୂଜା ପାଇ, ଭଲ ଭୋଗ ଖାଇ ଠାକୁର ଏବେ ଏଣିକି ବେଶି ଚିକ୍କଣିଆ ଦିଶିଲେଣି ।

କଞ୍ଚନର ପ୍ରାୟ ଉପାସନାସମୟ ଏହି ମନ୍ଦିରରେ କଟେ । ବାକି ସମୟତକରେ ସେ ବାପଘରର ଅନ୍ୟ ବିଷୟ ବାଡ଼ିର ହାଲ ବୁଝେ । ଏଣିକି କଞ୍ଚନ ପ୍ରାୟ ବାପଘର ଛାଡ଼ିଲାଣି । ସେ ଆଉ ଘରେ ଖାଏନାହିଁ । ମନ୍ଦିର ପରିସରରେ ଥିବା ଗୋଟାଏ କୋଠରୀରେ ଶୁଆ ବସା କରେ, ମନ୍ଦିରରେ ପ୍ରସାଦ ପାଏ । ଦିନମଧ୍ୟରେ ପ୍ରାୟ ଘଣ୍ଟେ ଦୁଇଘଣ୍ଟା ମାତ୍ର ଘରଆଡ଼କୁ ଆସି ଘରର ତତ୍ତ୍ୱ ନିଏ । କେବେ କେବେ ବା ମନ୍ଦିରରେ ଥାଇ ସମସ୍ତ ତତ୍ତ୍ୱ ନିଏ । ନିଜ ଗୁଣରେ ସେ ମାଳଛଡ଼ା ଆହୁରି ଅନେକ ସଙ୍ଗୀ ଯୋଗାଇ ନେଇ ପାରିଛି । ଗାଆଁ-

Digitized by srujanika@gmail.com

ଝିଅମାନେ ତା ସଙ୍ଗରେ ସଙ୍ଗୀ ହେବାକୁ ବଡ଼ଭଲପାଇ ଆଉ ଘରେ ରହନ୍ତି ନାହିଁ । ସେମାନେ ଦିନର ଅଧିକାଂଶ ସମୟରେ କାଞ୍ଚନ ପାଖରେ ବସାଉଠା କରନ୍ତି; ବିଞ୍ଚଣାବୁଣା, ପାଚ୍ଛିଆବୁଣାଠାରୁ ଆରମ୍ଭ କରି ରନ୍ଧାବଢ଼ା, ସେବା ସୁଶ୍ରୁଷା ପର୍ଯ୍ୟନ୍ତ ନାନା ଯୁଗାକାମ ହାସଲ କରନ୍ତି ।

(୭)

ଦିନପରେ ଦିନ, ମାସପରେ ମାସ ଗଡ଼ିଗଲା । କାଞ୍ଚନ ବାଳିକା-ସଙ୍ଗିମାନଙ୍କ ଗହଣରେ ନାନା ସତ୍‌କାର୍ଯ୍ୟରେ ଭୁଲିରହି ବଡ଼ଶାନ୍ତିରେ ଦିନ କାଟୁଥାଏ । ବାପଘରର ବିଷୟ ବାର୍ତ୍ତା କଥା ଅଧିକାଂଶ ସମୟରେ ଭୁଲିବାକୁ ବସିଲାଣି । ଗୃହୁଁ ଗୃହୁଁ କାର୍ତ୍ତିକମାସ ଆସି ପହଞ୍ଚିଲା । କାର୍ତ୍ତିକ ମାସଟି ହିନ୍ଦୁମାନଙ୍କର ପରମ ପବିତ୍ର ସମୟ । ବିଶେଷତଃ ଯେଉଁ ଗ୍ରାମମାନଙ୍କରେ ଠାକୁର ବାଡ଼ୀ ଅଛି, ସେମାନଙ୍କର ଏହି ସମୟରେ ବଡ଼ ଉତ୍ସବ ଲାଗେ । ମଲ୍ଲିକାପୁର ବହୁ ସନ୍ତ୍ରାନ୍ତ ମହାନାୟକ ଓ ବ୍ରାହ୍ମଣ ବସ୍ତି । ସେଠାରେ ମଧ୍ୟ ପଞ୍ଚକରେ ଉତ୍ସବ ଲାଗିବା ସ୍ୱାଭାବିକ । ଆବାଳବୃଦ୍ଧବନିତା ସିନ୍ଦୁର ଫାଟିଲା ବେଳୁଁ ସ୍ନାନ ସାରି ମଙ୍ଗଳାଳତି ଦର୍ଶନ କରିବାକୁ ଆସନ୍ତି । ଆଳତିର ଅବ୍ୟବହିତ ପରେ ବୁଢ଼ା ବୁଢ଼ା କେତେ ଜଣଙ୍କ ଛଡ଼ା ଅନ୍ୟ ପୁରୁଷମାନେ ବିଷୟ ଧନ୍ଦାର ଆକର୍ଷଣରେ ମନ୍ଦିରରୁ ବାହାରି ଯାନ୍ତି । ସ୍ତ୍ରୀ-ଲୋକମାନେ ରୁଣ୍ଡ ହୋଇ କିଛି ସମୟ ପରସ୍ପର ଦେଖା ଚାହାଁ କଥାବାର୍ତ୍ତାରେ କଟାଇ ଫେରନ୍ତି ।

ପୂର୍ଣ୍ଣିମାଦିନ ରାତି ପାହାରେ ଥାଉଁ ଗାଆଁ ଟାସାବର ଛୁଆପିଲା, ବଡ଼ସାନ, ପୁରୁଷ ସ୍ତ୍ରୀ ସବୁ ସ୍ନାନ ଶୌଚ ସାରି ମନ୍ଦିରରେ ହାଜର ହୋଇଗଲେ । ଯଥାବିଧି ପୂର୍ଣ୍ଣାଳତି ପରେ ଭୋର ହେବାଯାଏଁ ନାମକୀର୍ତ୍ତନ ହେଲା । ତତ୍ପରେ ପୁରୁଷମାନେ ପୂର୍ବବତ୍ ପ୍ରସ୍ଥାନ କଲାରୁ

Digitized by srujanika@gmail.com

ସ୍ତ୍ରୀଲୋକମାନେ ଠାକୁରଙ୍କ ସମ୍ମୁଖସ୍ଥ ନାଟ ମନ୍ଦିରରେ ଠାଏ ଠାଏ ଦଳ ଦଳ ହୋଇ ବସି ନାନା କଥାବାର୍ତ୍ତା ଆରମ୍ଭ କରିଦେଲେ ।

ସାରିମା, ଦୁର୍ଗାମା, ହରିଆମା, ମାଳ ପ୍ରଭୃତି ଆଠ ଦଶଜଣ କାଞ୍ଚନ ସହିତ ଠାକୁରଙ୍କ ଠିକ୍ ସମ୍ମୁଖସ୍ଥ ଖିଲଣ ପାଖରେ ବସି ନାନା କଥା କହୁଁ କହୁଁ ମାଳ ଦେଖିଲା ଏହି ସମୟରେ କାଞ୍ଚନଙ୍କୁ ଉପଦେ-ଅଧେ କହି ପାରିଲେ ଅନ୍ୟମାନଙ୍କ ଠାରୁ କିଛି ସାହାଯ୍ୟ ପାଇ ପାରିବ । ସୁତରାଂ ସେମାନଙ୍କ ଯୁକ୍ତି ତର୍କରେ କାଞ୍ଚନର ମନ ବଦଳି-ପାରେ ।

ମାଳ ବଡ଼ କୌତୁହଳାପନ୍ନ ହୋଇ କାଞ୍ଚନକୁ ପଚାରିଲା;—"ଅପା, ତମେ କଅଣ ମାଡାଙ୍ଗା ପାଲଟି ଯିବ ? ଫୁଲଗୁନ୍ଥା କାମଟା ତମକୁ ଯେବେ ଏତେ ଭଲ ଲାଗିଲା ତ ଲାଗୁ । ସେଥିରେ କିଛି ଯାଏ ଆସେ ନାହିଁ । ତେବେ ଘର ଭାତ ଏତେ ପିତା ଲାଗୁଛି କାହିଁକି ?" ଏ ବରଗଡ଼ା ଅରୁଆଭାତ ଚୂପା ବଲ୍ ବଲ୍ ମୁଗଡ଼ାଲିରେ କି ସୁଆଦ ମିଳୁଛି !

କାଞ୍ଚନ;—"ମାଳ, ମୋତେ କାହିଁକି କଜାଣି ସେ ଅରୁଆ ଗଣ୍ଡାକ ଅମୃତ ପରି ଲାଗେ । ଆହୁରି ମଧ୍ୟ ତୁ ଶୁଣିଥିବୁ, ଲୋକେ କହନ୍ତି ଅରୁଆରେ ବଳ ବେଶି ହୁଏ । ସେ ଯାହା ହେଉ ମୋ ପାଟିକୁ ତାହା ବଡ଼ ସୁଆଦ ଲାଗେ । ତାକୁ ଆଉ ଛାଡ଼ି ପାରିବି ନାହିଁ । ଆଉ ଫୁଲ ଗୁନ୍ଥା; ସେ ତ ନ ହେଲେ ଧନେ ମୋ ମନ କାହିଁରେ ଲାଗିବ ନାହିଁ ।"

ମାଳ—ହଉ ତେମେ ତମର ଫୁଲ ଗୁନ୍ଥ, ଅରୁଆ ଖାଅ, ଯାହା କର, ବିହଟାକୁତ ତ ଫେର ଧମାଳିବ ! ଏ ଯେଉଁ ହାଣ୍ଡିଭଙ୍ଗା କାମ ଏଥିରେ ବଞ୍ଚିବତ ?"

କାଞ୍ଚନ ବଞ୍ଚିବି ଆଉ କାହିଁକି ? କାମ କରିବା ପାଇଁତ ? ଯେବେ କାମ ନ କରିବା ତେବେ ବଞ୍ଚି ଲାଭ କଅଣ ? ସେ ଯେତେ

Digitized by srujanika@gmail.com

ବେଶି କାମ କରେ ତା ଦିହ ତେତେ ବେଶିଦିନ ବଇନ୍ତରି ଯାଏ, ଭଲ ରହେ ।

ମାଳ— ଆଉ ଗୋଟେ କଥା ! ଗାଆଁ ସାରା ଝିଅଗୁଡାକ ଏଠି ରୁଣ୍ଡ ହୋଇ ତମକୁ ତ ବସାଇ ଉଠାଇ ଦେଲେ ନାହିଁ, ଏ ଗୁଡ଼ାଙ୍କୁ ଏତେ ରୁଣ୍ଡଉଛ କାହିଁକି ? ଏ ଗୁଡାକ ଗୁଣ ନ ହେଲେ, ଆମର କଅଣ ଗଲା ? ଏ ଗୁଡ଼ାକ ଆମକୁ ପୋଷିବେ ନା ପାଳିବେ ?

ସାରିମା—ନା ମାଳ, ସେ କଥା କହ ନା । ଝିଅ ଗୁଡ଼ିକ ଏଠି ବସିଉଠି ଯାହା ଶିଖିଲେଣି, ଅନେ ଘରେ ରଖି ତାହା ଦଶ-ବରଷେ କରି ପାରି ନ ଥାନ୍ତୁ । ତୋଟରି ହୁଣ୍ଡି ଭୁଣ୍ଡି ହେଇ ଟଣ୍ଡି ଫୁଲାଇ ବୁଲୁଥାନ୍ତେ ।

କଞ୍ଚନ—ଆଲୋ ମୁଁ କଅଣ ସେମାନଙ୍କୁ ରୁଣ୍ଡଉଛି ? ସେମାନେ ତ ଆପେ ଆସି ରୁଣ୍ଡ ହେଉଛନ୍ତି । ଆମର ଏଥିରେ କ୍ଷତି କଅଣ ହେଉଛି ? ସେମାନେ ବସାଉଠା କରି କଛୁ କଛୁ କାମ ଶିଖୁଛନ୍ତି । ଦିନେ ହେଲେ ତ ମନେ ପକାଇବେ !

ମାଳ— ହଃ—ନିଜ ଦିହ ମାଟି କରି ଏଗୁଡାକ ସାଙ୍ଗରେ ଏତେ ଲଗିବାର କି ଦରକାର ? ହଉ ହେଲା, ସେମାନେ ଗୁଣ ଶିଖନ୍ତୁ ମନା-ନାହିଁ । ସେମାନେ ନିଜେ ସାଇ ବଲରୁ ଜାଇଁଶ କେନ୍ଦ୍ର ଆସନ୍ତୁ । ବଞ୍ଚଣା ବୁଣନ୍ତୁ । ତମେ କାହିଁକି ତାଙ୍କ ସଙ୍ଗରେ ଯାଇ ଏ ଖରାଟାରେ ବୁଲି ବୁଲି ମରୁଛ ?

କଞ୍ଚନ—କଥା କଅଣ କି ମୁଁ ସେମାନଙ୍କ ସଙ୍ଗରେ ଗଲେ ସେମାନେ ବଡ଼ ଖୁସି ହୁଅନ୍ତି । ସେମାନଙ୍କ ସାଙ୍ଗରେ ନିଜେ କାମକରି ଶିଖାଇଲେ ସହଜରେ ଶିଖିଯାନ୍ତି ।

ମାଳ ସେମାନେ ତ କାମ ଶିଖିଗଲେ ପାଠ ପରନ୍ତା, ତେବେ ସବୁଦିନେ ସେମାନଙ୍କୁ ଖଟାଇ, ନିଜେ ଖଟି ଏତେ କାମ କରିବାର ଦରକାର କଅଣ ? ବଞ୍ଚଣା, ପାଛୁଆ, ପେଡ ତ ଘରରେ ଘରେ

Digitized by srujanika@gmail.com

ଜମା କଲଣି ! ଆଜିର ସୂତା, ଏଗୁଡ଼ାକତ ଦଶପାଞ୍ଚୁଆ ଖଣ୍ଡେ ଜମା ହେଲଣି । ଏଗୁଡ଼ାକ ଏତେ କରିବା କ ଦରକାର ? ତମର କଏ ଖାଇବ ? ତମ ସମ୍ପତ୍ତିତ ପର ଖାଉଛନ୍ତି ।

କଞ୍ଚନ—ମୁଁ ଓ ତୁ କଣ ଖାଇବା ?

ମାଳ—କଣ ହେଲା ? ତମକୁ ଖାଇବାକୁ ଅଭାବ ଅଛି ? ନିଜ ସମ୍ପତ୍ତିକୁ ପର ଖୋଇଲ । ପୁଣି ବାପଘରର ଅଚଳାଚଳ ସମ୍ପତ୍ତିରେ ମାଲିକ ହେଲ । ତେବେ ବି ଅଣ୍ଟୁ ନାହିଁ ନା ? ମୋ କଥା ଛାଡ଼ । ମୁଁତ ଜନମରୁ ଦୁଃଖୀ ।

କଞ୍ଚନ—ମାଳ, ଆଉ ବାପଘରର ସମ୍ପତ୍ତିର ନାଁ ଧର ନା । ଆମର ସିନା ବାପଘର ଥିଲା, ଶଶୁର ଘର ସମ୍ପତ୍ତି ଥିଲା ! ଯାହାର ନାହିଁ ସେ ପୁଣି କଣ କରିବ ? ଆମେ ଯଦି ବାପଘର ଭାତ ଖାଇ ବଞ୍ଚିବା ତେବେ ଆଉସବୁ ସ୍ତ୍ରୀଲୋକେ ସେଇଆ ଶିଖିବେ । ସେମାନେ ଶିଖିବେ ଯେ ଗୋଟିଏ ଗଲାଠୁଁ ଭଲ ଜାତିକୁ ସ୍ୱାମୀମାନ ସହିବାକୁ ହୁଏ, ପର ଉପରେ ନିର୍ଭର ନ କଲେ ଚଳି ପାରନ୍ତି ନାହିଁ । ତେଣୁ ମୁଁ ଏ କାମ ସବୁ ଆରମ୍ଭ କରିଛି । ଆମର ହାତ, ଗୋଡ଼, ଆଖି, କାନ ଥାଉଁ ଥାଉଁ ଆମେ କାହିଁକି ପର ତଣ୍ଟିରେ ବଥ ହୋଇ ବସିବା ? ତୁତ ଦେଖୁଥିବୁ, ଏ କାମ ସବୁ ଆରମ୍ଭ କଲାଦିନୁଁ ମୋ ନିଜ ଖରଚ ପାଇଁ ବାପଘର ପଇସାରୁ ଗୋଟିଏ ଅଧଲା ମୁଁ ଛୁଇଁବାକୁ ନାହିଁ । ବରଂ ଏଥିରୁ ଯାହା ମିଳୁଛି ସେଥିରେ କେତେ ଲୋକଙ୍କର କେତେ ଉପକାର ହଉଛି ।

ମାଳ—ହଁ ତାହାତ ମୁଁ ଆଖିରେ ଦେଖୁଛି । ଏ ଝିଅଗୁଡ଼ିକ ବି ଅନେକ କାମ ଶିଖିଲେଣି ।

ସାବିମା—କାମ ! ସେ ସବୁ ଯଉଁକାମ ଶିଖିଲେଣି ଆମେ ଆଖିରେ ଦେଖି ନ ଥିଲୁଁ କି କାନରେ ଶୁଣି ନ ଥିଲୁଁ । ସେ ଦିନ

Digitized by srujanika@gmail.com

ହରିଆମା ବୁଢ଼ୀଟିକୁ ଝାଡ଼ାବାନ୍ତି ହେଲା । ତାର କିଏ ଅଛି ଯେ ତାର ଏତେ ସେବା କରିଥାନ୍ତା ? କଞ୍ଚନ ଆଉ ଏ ଝିଅଗୁଡ଼ିକ ଥିଲେ ବୋଲି ସେ ବଗୁଣର ପ୍ରାଣ ବଞ୍ଚିଲା । ଡାକ୍ତରଙ୍କୁ ପଇସା ଦେଇ, ଶାଗୁ ବାଲି ଦେଇ, ଜଷୁଦପାଣି ଦେଇ ପୁଣି ଏତେ ଖିଜମତ କିଏ କରନ୍ତା ? ଏଇମାନେ ସବୁ ଯାଇ, କିଏ ତା ଲୁଗାପଟା ଧୋଇ ପକାଇଲେ, ମୋ ସାରି, ଲକ୍ଷ୍ମୀ ସାଗୁ ଆଉଟି ପକାଇଲେ । ରମ୍ଭା, ଲବଣୀ, ତାକୁ ଜଷଦ ଖୋଇଲେ । ଦଶ ଦିନ ଭିତରେ ବୁଢ଼ୀ ଭଲ ହୋଇଗଲା । ବୁଢ଼ୀତ ଏମାନଙ୍କୁ ସବୁ କଇଲଣ ଡ଼ାଳ ପକାଉଛି । ଆଚ୍ଛା ଏ ଜଷୁଦ ଗୁଡ଼ାକ ତମକୁ ସବୁ ଦେଲା କିଏ ଗୋ କଞ୍ଚ ?

କଞ୍ଚନ—କାହିଁକି ?' ଆମେ ସବୁ ଏ କାମ କଲା ଦିନରୁ ଆମର ପାଚୁଆ, ବଇଗଣ, ଝୁଙ୍ଗି, ପେଡ଼ି, ଆଉ ସୂତା ବିକିରୁ ଢ଼େର ଟଙ୍କା ପଇସା ହେଲାଣି । ଆହୁରି ସମସ୍ତଙ୍କ ଘରେ ମୁଠି ଗୁଡ଼ିଏ ରଖିବାକୁ ଆଟିକା ଦେଇଛୁଁ । ସେଥିରୁତ ଢ଼େର ମିଳୁଛି ! ସେଇଥିରୁ ଏ ସବୁ ଜଷୁଦ ପାଣି, ସାଗୁ, ବାଲି, ଖଇ ଚିନି କିଣି କି ରଖିଛୁଁ । ଏହା ଛଡ଼ା ଠାକୁରଙ୍କ ବଗିଚା ଫସଲତ ଅଛି !

ମାଲ—ହଁ ଭଲ କଥାଟିଏ ମନେ ପକାଇଲ । ସବୁ କର, କିନ୍ତୁ ନିତ ସଞ୍ଜବେଳେ, ସକାଳେ ପାଣି ସଲ ସଲ ହୋଇ ଆଉ ଗଛରେ ପାଣି ଦିଅ ନାହିଁ । ସନ୍ନିପାତ ଧରି ଦିହ ଖରାପ ହେବ । ମୋ ଭୂଣିଲ୍ଲ ସେ କାମ ଆଉ ଦିନେ କରିବ ନାହିଁ ।

କଞ୍ଚନ—ମାଲ, ମୁଁ ତ ସବୁ ଗଛରେ ପାଣି ଦିଏ ନାହିଁ । ଏ ଝିଅଗୁଡ଼ିକ ମୋତେ ସେ କାମ କରିଇ ଦିଅନ୍ତି ନାହିଁ । କିନ୍ତୁ କୁନ୍ଦ, ଚମ୍ପା, ମଲ୍ଲି ଆଉ ମାଳତୀ, ଏହି କେତୋଟି ଫୁଲ ଗଛରେ, ମୁଁ ନିଜେ ପାଣି ନ ଦେଲେ ମୋ ମନ ଥିର ହୁଏ ନାହିଁ । ଭୂତ ଦେଖିଥିବୁ ଏ ଗଛମାନଙ୍କରୁ ଆଉ କେହି ଫୁଲ ତୋଳନ୍ତି ନାହିଁ । ମୁଁ ନିଜ

Digitized by srujanika@gmail.com

ହାତରେ ଏଥିରୁ ଫୁଲ ତୋଳି ଦୁଇଟି ହାର ନ ଗୁନ୍ଥିଲେ ମୋ ମନରେ ଶାନ୍ତ ଆସେ ନାହିଁ ।

ମାଳ—ହଉ, ସେ ଗଛ କେତୋଟି ମୋତେ ଚହ୍ନା'ଇ ଦେବ, ମୁଁ ପାଣି ଦେବି । ସକାଳୁ ତା ମୂଳ ସବୁ କୋଡିଦେବି । ସେହି ଗଛରୁ ନିତ ଫୁଲ ଆଣି ଦେବି, ତମେ ପଛେ ନିଜେ ଗୁନ୍ଥିବ ।

କଞ୍ଚନ—ସେ କଥା କହନା ଅପା, ନାକ ଦଣ୍ଡିରେ ପ୍ରାଣ ଥିବା ଯାଏଁ ମୁଁ ତାହା ନ କଲେ ମୋର ଜୀବ ରହିବ ନାହିଁ ।

ସାରମା—ଯାହା ହଉ, ଝିଅଗୁଡିକ ଯା 'ଗୁଣ ଶିଖିଲେ । ମୋ ଝିଅଟି ଇମିତି ସୁନ୍ଦର ଗଣ୍ଠି, ଜାଣିଲିଣି ଯେ ଆମଘରେ କେହି ତା ସରି ହେଉ ନାହାନ୍ତି । କଞ୍ଚନ ହାତରେ ଏତେଗୁଣ ଥିଲାବୋଲି କଏ ଜାଣେ ?'

ଭଜାମା- ହଃ, ଦେଇ କଅଣ ହଉଛି ? ସବୁ ଗୁଣତ ଘୁଣ ଲାଗିଲା ! ସେ ଗୁଣରୁ ଧୋଇ ପିଇବ ?"

ମଳ—ସତ କହିଲ ମା, ତିଲ ଜାତିର ଯେବେ ସେହି ଗୋଟାକ ନାହିଁତ କିଛି ନାହିଁ । ସବୁ ଗୁଣ, ସେହି ସିନ୍ଦୁର ଗାରକ ଲାଗି ସୁନ୍ଦର ଦିଶେ ।' ସେ ନାହିଁତ କିଛିନାହିଁ ।

କଞ୍ଚନ—ବାଷ୍ପଗଦ୍‌ଗଦ ସ୍ୱରରେ ସେମାନଙ୍କୁ ବାଧା ଦେଇ କହିଲେ; "ତମେ ସବୁ କଅଣ କଥାବାର୍ତ୍ତା ହଉଚ ଅପା ?' ମୋର କଅଣ କ କଷଣ ଦେଖି ତମେ ସବୁ ଏତେ ଦୁଃଖ କରୁଛ ? ତମେ ସବୁ ଯାହା କହୁଛ ମୁଁ ବୁଝିଛି । ମୋର ସେ ଧନଟି ନ ଥିଲେ, ମୋତେ ଏତେ ପ୍ରଶଂସାର ପାତ୍ର କିଏ କରନ୍ତା ?"

ସାରମା—ସବୁ ଦିନେ କଞ୍ଚନଟି ଅଲେଖୀ । କିଛି ବୁଝିପାରେ ନାହିଁ । ଆମେ କି କଥା କହୁଛୁଁ, ସେ କଅଣ ବୁଝୁଛି । ଆହା ଏତେ ଅଲେଖୀକି ଭଗବାନ୍ କି ବିଷ୍ମର କଲେ !

Digitized by srujanika@gmail.com

କଞ୍ଚନ—ମା, ମୁଁ ଅଲେଲୀ ନୁହେଁ; ମୁଁ ଅବୁଝା ନୁହେଁ, ତମେ ସବୁ ଯାହା କହୁଛ ମୁଁ ସବୁ ବୁଝୁଛି । ମୋର ସେ ଅଭାବ ନାହିଁ । ତମର କନକପୁରିଆ ଜ୍ୱାଇଁଠାରୁ ମୁଁ ଶତଗୁଣେ ଭଲପତି ପାଇଛି । ତେଣୁ ଏତେଦିନ ବଞ୍ଚି ରହିଛି । ନହେଲେ କେଉଁଦିନରୁ ଏ ପ୍ରାଣ ଛୁଟି ଯାଆନ୍ତାନି ।

କଞ୍ଚନର ଏ ପ୍ରଳାପ ଶୁଣି ସମସ୍ତେ ତା ମୁହଁକୁ ତଟସ୍ଥ ହୋଇ ଚାହିଁ ଥାନ୍ତି । କେହି କେହି ଭାବୁଥାନ୍ତି, କଞ୍ଚନ ଯୁବା ବୟସରେ ଉନ୍ମତ୍ତ ହେଲଣି । କେହି ଭାବୁଥାଏ, କଞ୍ଚନ ବୋଧହୁଏ କାହାର ପାପ ବୁଦ୍ଧିରେ ଭୁଲିଲଣି ! କିନ୍ତୁ କଞ୍ଚନ ଲେଡକପର୍ଣ୍ଣ ନିର୍ନିମେଷ ନୟନରେ ରସିକ ରାୟଙ୍କ ଆଡ଼କୁ ଅନାଇ, ପୁଣି ଆରମ୍ଭ କଲା ।

"ଅପମାନେ; ମୋର ନୂଆବର ରୂପରେ ଯିମିତି; ଗୁଣରେ ତତୋଧିକ । ରସିକ ପଣିଆରେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳରେ ତାଙ୍କ ସମାନ କେହି ନାହିଁ, ତେଣୁ ନାମଟି ତାଙ୍କର ରସିକରାୟ । ଆହା ସଉଭୁଣୀ ମୋର ! ସେତ ଦୟାର ଅବତାର ! କେତେ ସ୍ନେହ କେତେ ମମତା ତାଙ୍କର !?

ଏହିପରି କହୁଁ କହୁଁ କଞ୍ଚନର ଆଖିରୁ ଧାର ଧାର ଲୁହ ବୋହି ଲୁଗା ପଟା ଭିଜିଗଲା । ଓଷ୍ଠ ଥର ଥର ହୋଇ କମ୍ପି ଉଠିଲା । ଗୋଟା ସାରା ଦେହ ତାର କଦଳୀ ପତ୍ରପରି ଥରିବାକୁ ଲାଗିଲା । ଏବଂ ସେ ଗୁହୁଁ ଗୁହୁଁ ମାଳ ଉପରେ ଢୁଳାଇ ପଡ଼ିଲା ।

ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଘୋର କୋଳାହଳ ପଡ଼ିଗଲା । କିଏ ହରିବୋଲ ପକାଇଲା, କଞ୍ଚନକୁ ହାତ ଧଇଲା, ପାଣି ଆଣଲୋ, ପାଣିଆଣ । କିଏ କହିଲା କଞ୍ଚନକୁ ଭୂତ ଲାଗିଲା, କିଏ କହିଲା କଞ୍ଚନରଗୋସିଆଁ କଥା ମନେପଡ଼ି ତା ଛାତି ଫାଟିଗଲା ! କିଏ ମହତପୁଣ୍ଡା ନାକରେ

Digitized by srujanika@gmail.com

ପକାଇ ଫୁଙ୍କିଲା । କିଏ ମଥାରେ ମୁହଁରେ ପାଣି ଛିଟିଲା । କିନ୍ତୁ କିଛି ନାହିଁ । କାଞ୍ଚନର ପ୍ରାଣବାୟୁ କେଉଁବାଟେ ବାହାରି ଯାଇ କାହା ସଙ୍ଗରେ ମିଶିଗଲା କେହି ଜାଣିପାରିଲେ ନାହିଁ । ରାଜୁବାବୁ ଓ ତାଙ୍କ ପତ୍ନୀ ଚିରଦିନ ପାଇଁ ଝିଅ ବିରହରେ ଝୁରି ହେଲେ । ସେହି ମନ୍ଦିର ବେଢ଼ା ଭିତରେ କାଞ୍ଚନର ଗୋଟିଏ ସମାଧି ତୋଳି ଦେଇଥିଲେ ।

Digitized by srujanika@gmail.com

କାଶୀଗ୍ରାମଙ୍କ ଥେଟର୍ ଦେଖା ।

(୧)

ସୁଜାଣପୁର ଗାଁଆଁଟି ନୁହେ ଗଡ଼ଜାତ କ ନୁହେ ମୋଗଲବନ୍ଦ । ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍‌ଡ଼ିଭିଜନ ଓ କେଉଁଝର ଜିଲ୍ଲାର ଆନନ୍ଦପୁର ସବ୍‌ଡ଼ିଭିଜନ, ଏହି ଦୁଇରାଜ୍ୟର ସୀମାରେ ଗାଁଆଁଟି ଅବସ୍ଥିତ । ଗାଁଆଁଟିରୁ ଫାଳେ ଗଡ଼ଜାତ ଅଧୀନରେ, ଫାଳେ ମୋଗଲବନ୍ଦ ଅଧୀନରେ । କେବଳ ସଭ୍ୟ ସମ୍ଭ୍ରାନ୍ତ କରଣ ଜାତି ଗାଁଆଁର ବାସିନ୍ଦା । ପ୍ରାୟ ଦେଢ଼ଶହଘର କରଣ । କେଉଁ ପ୍ରାଚୀନ-କାଳରୁ ଏମାନଙ୍କ ପୂର୍ବପୁରୁଷମାନେ ଆସି ଏଠାରେ ବାସ ତିଆରି କରିଥିଲେ ତାହା କେହି ଜାଣନ୍ତି ନାହିଁ । କେବଳ ଏତିକି ଜଣାଯାଏ ଯେ ଦେଢ଼ଶହ ସାରା ପରିବାର ଏକ ବଂଶରୁ ଜାତ । କାରଣ ଆଜି ଯାଏ ସେମାନଙ୍କର ପରସ୍ପର ମଧ୍ୟରେ ବୈବାହିକ ସମ୍ବନ୍ଧ ଚଳନାହିଁ । ଲକ୍ଷ୍ମୀ ଘରରେ ପରସ୍ପର ଛୁତିକ ମୃତ୍ତିକ ପାଳି ଆସୁଛନ୍ତି । ଜାତି ଏକ୍, ଗ୍ରାମ ଏକ୍, ପରିବାର ଏକ୍, କିନ୍ତୁ ଶାସନ ଦୁଇ । ଏହି ଦୋଫାଙ୍କିଆ ଶାସନ ଫଳରେ ଗାଁଆଁବାଲା ମାନେ ସମୟ ସମୟରେ ବିଶେଷ ଅସୁବିଧା ଭୋଗକଲେହେଁ ତାହା ଦୂରକରିବାର ଉପାୟ ଗାଁଆଁବାଲାଙ୍କ କ୍ଷମତାରେ ନାହିଁ । ଆଉ ଯାହା ହେଉ, ଭିନ୍ନ ଭିନ୍ନ ଶାସନରେ ଥିବାରୁ ଗ୍ରାମବାସୀମାନଙ୍କ ମନରେ ସହାନୁଭୂତି ବୋଲି ଗୋଟେ ଗୁଣ ଆଦୌ ଦେଖାଯାଏ ନାହିଁ । ସାମାନ୍ୟ ସାମାନ୍ୟ ଘଟଣାରେ ପରସ୍ପର ମଧ୍ୟରେ ଗୋଟାଏ ମନୋମାଳିନ୍ୟ ବରାବର ଦେଖାଯାଏ । ଏହି ଗୋଟାକ ଗାଁଆଁର ପ୍ରଧାନ ଅସୁବିଧା । ଏହାକୁ ଛାଡ଼ିଦେଲେ ଆଉ ଆଖିରେ ପଡ଼ିବା ଭଳି କୌଣସି ଅସୁବିଧା ଥିଲା-ପରି ଜଣାଯାଏ ନାହିଁ । ଗ୍ରାମବାସୀମାନେ ଯେ ଯାହାର ବ୍ୟବସାୟ

Digitized by srujanika@gmail.com

ସତ୍‌ଭାବରେ ଚଳାଇ ସୁଖରେ ସଂସାର ନିର୍ବାହ କରନ୍ତି । ସେକାଳ କଥା ଶୁଣା ଅଧିକେ ସମସ୍ତଙ୍କୁ ଜଣା । ଆବଶ୍ୟକୀୟ ପଦାର୍ଥମାନ ଏତେ ଦୁର୍ମୂଲ୍ୟ ନ ଥିଲା । ଲୋକଙ୍କର ଅଭାବ ମଧ୍ୟ ଖୁବ୍ କମ୍ ଥିଲା । ତେଣୁ ଲୋକେ ଖାଇ ପିଇ ସୁଖରେ ଥିଲେ । ଜୀବନର ସତ୍ ପରିଶ୍ରମ ଓ ଚରିତ୍ରର ସୁନିଦ୍ରା ସେକାଳ ଲୋକଙ୍କ ମନକୁ ସଜଫୁଲ ପରି ପ୍ରଫୁଲ୍ଲ ରଖିଥାଏ । ସୁଜାଣପୁରର ପ୍ରାୟ ଅଧିକାଂଶ ପରିବାର ମନର ଏ ପ୍ରଫୁଲ୍ଲତା ଓ ପ୍ରସନ୍ନତାରୂପ ଅମୂଲ୍ୟ ସମ୍ପଦ ସଞ୍ଚୟ କରି ପାରିଥିଲେ । ଗାଆଁଟିର ବୈଚିତ୍ର୍ୟମୟୀ ପ୍ରକୃତି ଗ୍ରାମବାସୀମାନଙ୍କ ହୃଦୟର ଏ ଅମୂଲ୍ୟ ସମ୍ପଦକୁ ଅଲକ୍ଷ୍ୟରେ ସାହାଯ୍ୟ କରୁଥାଏ । ଗାଆଁଟିର ଉତ୍ତର, ପଶ୍ଚିମ ଓ ଦକ୍ଷିଣ ତିନିସୀମା ପାହାଡ଼ ବେଷ୍ଟିତ । ପାହାଡ଼ ଗୁଡ଼ିକ ବୃକ୍ଷ ଲତା ଗୁଳ୍ମଲତାରେ ପରିପୂର୍ଣ୍ଣ । ପ୍ରାୟ ପ୍ରତ୍ୟେକ ଋତୁରେ ଏ ଗୁଳ୍ମଲତା ଗୁଡ଼ିକ ନାନାବର୍ଣ୍ଣର ପୁଷ୍ପ ଧାରଣକରନ୍ତି । ସତେ ଯେମନ୍ତ ନିସର୍ଗସୁନ୍ଦରୀଙ୍କ ବେଶ ସଜାଡ଼ିବା ପାଇଁ ଏ ଗୁଳ୍ମଲତା ଗୁଡ଼ିକ ପାଳି-କରି ପୁଷ୍ପଧାରଣ କରନ୍ତି । ପାହାଡ଼ର ପାଦଦେଶରୁ ଅସଂଖ୍ୟ-ତୃଣ-ଲତା ପରିପୂର୍ଣ୍ଣ ଶ୍ୟାମବନ ସୁଜାଣପୁରର ମୁଣ୍ଡ ପର୍ଯ୍ୟନ୍ତ ଲମ୍ବି ଆସିଛି । ପୂର୍ବ ପାଖରେ ସୁବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ମାନ ଚକ୍ରବାଳଯାଏଁ ବିସ୍ତୃତ । ପ୍ରକୃତି ଦେବୀଙ୍କର ଏ ବୈଚିତ୍ର୍ୟପୂର୍ଣ୍ଣ ହାଟ ଭିତରେ ପଶି ଗ୍ରାମବାସୀ ପ୍ରଫୁଲ୍ଲତା ଓ ପ୍ରସନ୍ନତା ରୂପ ଅମୂଲ୍ୟ ନିଧି ବହୁପରିମାଣରେ ସଂଗ୍ରହ କରି ପାରନ୍ତି । କଥାରେ କହନ୍ତି,—ମନ ଫୁଲିଲା ଗୀତ ଗାଏ । ଗାଆଁଟିର ପ୍ରାୟ ଅଧିକାଂଶ ପୁରୁଷ ସଙ୍ଗୀତପ୍ରିୟ । କେବଳ ସଙ୍ଗୀତ-ପ୍ରିୟ ନୁହନ୍ତି,—ସଙ୍ଗୀତଜ୍ଞ ମଧ୍ୟ ।

ଗାଆଁର ସଙ୍ଗୀତରସିକ ମାନଙ୍କ ମଧ୍ୟରେ କାଶୀରାମ ପଟ୍ଟ-ନାୟକ ମଞ୍ଚରସିକ । ତାଙ୍କୁ ଅଜଣା କୌଣସି ରାଗ ରାଗିଣୀ ଶାସ୍ତ୍ରରେ ନାହିଁ । ଭଞ୍ଜ, ଦୀନକୃଷ୍ଣ, ସାମନ୍ତସିଂହାର ପ୍ରଭୃତି ପ୍ରାଚୀନ କବିମାନ-

Digitized by srujanika@gmail.com

ଙ୍କର କବିତାମାନ ତାଙ୍କ ଜିଭ ଅଗରେ ଥୁଆ । ତାହାଛଡ଼ା ହିନ୍ଦି ରାଗରାଗିଣୀ ମଧ୍ୟ ତାଙ୍କୁ ଅନେକ ମାଲୁମ୍ । ସଂସ୍କୃତ ଶ୍ଳୋକ ସୁମୂର୍ତ୍ତି ମଧ୍ୟ ବଡ଼ ବଡ଼ା ରସପୂର୍ଣ୍ଣ ଗୋଟାଏକେତେ ମୁଖସ୍ଥ ଥାଏ । ପଟ୍ଟନାୟକଙ୍କ ବୟସ ପ୍ରାୟ ପାଞ୍ଚଊଣା ପଚସ୍ତୋର । ପୂର୍ବେ ଏ କେଉଁଝର ରାଜାଙ୍କର ଷ୍ଟାମ୍ପୁକରଣ ଥାଇ ବିପୁଳ ସମ୍ପତ୍ତି ଅର୍ଜନ କରିନ୍ଥନ୍ତି । ରାଜାଙ୍କର ଷ୍ଟାମ୍ପୁ-କରଣି ପଟ୍ଟନାୟକଙ୍କ ବଂଶାନୁକ୍ରମିକ ପୈତୃକ ହକୀୟତ ।

ପଟ୍ଟନାୟକଙ୍କ ପ୍ରକୃତି ବଡ଼ ସରଳ । ତେଣୁ ପଲ୍ଲୀର ସରଳ ଓ ନିରାଡ଼ମ୍ବର ପ୍ରକୃତି ଛାଡ଼ି ସହରରେ ରହିବାକୁ ସେ ଭଲ ପାଆନ୍ତି ନାହିଁ । ନିଜଗଡରେ ଯେତେଦିନ ରହୁଛନ୍ତି, ସେ ତାଙ୍କ କୋଠାଟି ଛଡ଼ା ଅନ୍ୟକୁଆଡ଼େ ବାହାରନ୍ତି ନାହିଁ । ପଲ୍ଲୀ ପ୍ରତି ତାଙ୍କର ଏ ପ୍ରଗାଢ଼ ମମତା ଦେଖି ବିଶ୍ୱବିଧାତା ତାଙ୍କର ଅନୁକୂଳ ସୁଯୋଗ ମଧ୍ୟ ଯୋଗାଡ଼କରି ଦେଇଥିଲେ । ପଟ୍ଟନାୟକଙ୍କର ବୟସ ପଚିଶ ଟପିବା ଯାଏଁ ତାଙ୍କ ବାପେ ବଞ୍ଚି ରହି ଷ୍ଟାମ୍ପୁକରଣି ଚଳାଉଥିଲେ । ପଟ୍ଟ-ନାୟକେ ପ୍ରାୟ ଛଅ ସାତବର୍ଷ କାର୍ଯ୍ୟ କରିଛନ୍ତି କି ନାହିଁ ତାଙ୍କ ଜ୍ୟେଷ୍ଠପୁତ୍ର ଯୋଗ୍ୟ ହୋଇବାରୁ ତାଙ୍କୁ ରାଜକାର୍ଯ୍ୟରେ ନିଯୋଗ କରି-ଦେଇ, ସେ ନିଜାବାସରେ ଶେଷସମୟ ସୁଖରେ କଟାଉଛନ୍ତି ।

ଜ୍ୟେଷ୍ଠପୁତ୍ର ନାଗାର୍ଜୁନ ବାବୁ ରାଜକାର୍ଯ୍ୟରେ ନିଯୁକ୍ତ ହୋଇ ଷ୍ଟାମ୍ପୁଙ୍କ ନିଜଗଡ଼ରେ ସ୍ଥାୟୀ ବହଣି କରନ୍ତି । ନାଗାର୍ଜୁନ ବାବୁଙ୍କର ତିନିପୁଅ । ସେମାନେ ସମସ୍ତେ କଟକରେ ଥାଇ ପାଠ ପଢ଼ନ୍ତି । ଜ୍ୟେଷ୍ଠ ଧରଣୀଧର ମାଟ୍ରିକୁଲେସନ୍ ପାଶ କରି ଆଇ, ଏ, ୧ ମ ବାର୍ଷିକ ଶ୍ରେଣୀରେ ଅଧ୍ୟୟନ କରନ୍ତି । ମଧ୍ୟମ ମୁରଲୀଧର ମେଡ଼ିକେଲ୍ ସ୍କୁଲରେ ଓ କନିଷ୍ଠ ମନ୍ଦରଧର କୌଣସି ହାଇସ୍କୁଲର ୬ ଷ୍ଠ ଶ୍ରେଣୀରେ ଅଧ୍ୟୟନ କରନ୍ତି । ଘରେ ରହିବା ଭିତରେ ବୃଦ୍ଧ ପଟ୍ଟନାୟକେ, ତାଙ୍କ ସହଧର୍ମିଣୀ, କନିଷ୍ଠ ପୁତ୍ର ସଭାର୍ଯ୍ୟ କରୁଣାକର

Digitized by srujanika@gmail.com

ଓ ତାଙ୍କର ଦୁଇଟି ବାଳିକା ଶିଶୁ । ଏହାଛଡ଼ା ଚାକର ଚାକରାଣୀ, ମୂଲିଆ ପାଳିଆ ଦୁଇ ଚାରିଜଣ ମଧ୍ୟ ଥାନ୍ତି । ନାଗାର୍ଜୁନ ବାବୁଙ୍କ ନିର୍ଦ୍ଦେଶ ମତେ କରୁଣାକର ବାବୁ ତାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ବିଧାନରେ ସର୍ବଦା ତତ୍ପର ଥାଆନ୍ତି । ସ୍ତ୍ରୀଲୋକମାନେ ତ ସ୍ୱାଭାବତଃ ବାବୁଙ୍କ ସେବାପୂଜା ଠାକୁର ପୂଜାପର୍ବ ଚଳାଇ ଥାନ୍ତି । ସରକାରର ରାଜକାର୍ଯ୍ୟରୁ ଅବ୍ୟାହତି ପାଇ ପଟ୍ଟନାୟକେ ବର୍ତ୍ତମାନ ଜନ୍ମଭୂମି କୋଳରେ ସୁଖଶାନ୍ତି ଉପଭୋଗରେ ରତ । ଦୁଃଖ ବା ଶୋକରେ ଲେଶ ମାତ୍ର ଯେପରି ତାଙ୍କୁ ସ୍ପର୍ଶ ନ କରେ ସେଥିପ୍ରତି ପରିବାରର ପ୍ରତ୍ୟେକ ବ୍ୟକ୍ତି ଦୃଷ୍ଟି ରଖିଥାନ୍ତି । ସୁତରାଂ ଘରେ ରହିଲ ଧନୁ ଦୁଃଖଶୋକର ଛାପ୍ପା ତାଙ୍କୁ ସେପରି ଜଣାଶୁଣା ଭାବରେ କେବେ ହେଲେ ଆକ୍ରମଣ କରି ପାରୁନାହାନ୍ତି ।

(୨)

ସଂସାରରେ ନିରବଚ୍ଛିନ୍ନ ସୁଖ ମନୁଷ୍ୟଭାଗ୍ୟରେ ଯୁଟିବା ନିତାନ୍ତ ଅସମ୍ଭବ । ନିଜେ ସୁଖ-ବିଧାତା ଭଗବାନ୍ ମଧ୍ୟ ରାମ, କୃଷ୍ଣ ଇତ୍ୟାଦି ଅବତାରରେ ସଂସାରରେ ଅବତୀର୍ଣ୍ଣ ହୋଇ ସେ ଭଳି ସୁଖର ଅଧିକାରୀ ହୋଇ ପାରି ନାହାନ୍ତି । ମନୁଷ୍ୟ କଥା ବା କିଏ ପଚାରେ ? ଅବଶ୍ୟ ସଂସାରରେ କୀଟପତଙ୍ଗ ଠାରୁ ଆରମ୍ଭ କରି ଜୀବସୃଷ୍ଟିର ଚରମଉନ୍ନତି ମାନବ ପର୍ଯ୍ୟନ୍ତ ସମସ୍ତେ ସୁଖର ପ୍ରୟାସୀ । ସୁଖ ଉଦ୍ଦେଶ୍ୟରେ ସୃଷ୍ଟିର ଏ ପ୍ରଚାଣ୍ଡ ପ୍ରୟାସୀ ଦେଖି ସଂସାର ତେଣେ ବିକଟ ବିଦ୍ରୂପ କରି କହୁଥାଏ;---"ଭୁଲିଗଲୁ, ଭୁଲିଗଲୁ; କେଉଁ ବାଟେ ଛାଡ଼ି କେଣେ ଗଲୁ ?" ପଟ୍ଟନାୟକେ ପିତା ପରିବାରର ସମସ୍ତଙ୍କ ସ୍ନେହ ମମତା, ଭକ୍ତିପ୍ରୀତି, ସେବାପୂଜା ଆକର୍ଷଣ କରି-ପାରନ୍ତି, କିନ୍ତୁ ସଂସାରର ତା କର୍ତ୍ତବ୍ୟ କରିବ ! ତେଣୁ ତାଙ୍କର ଏ ନିରବଚ୍ଛିନ୍ନ ସୁଖ ସମ୍ଭୋଗରେ ଅସହ୍ୟ ବାଜଉରେ ଦୁଃଖକଷ୍ଟରେ

Digitized by srujanika@gmail.com

ସାମାନ୍ୟ ସାମାନ୍ୟ ବିପ୍ଳବପୂର୍ଣ୍ଣ ବିଦ୍ରୋହ ସମସ୍ତ ସମୟରେ ଦେଖା ଦେଇଥାଏ । କିନ୍ତୁ ହେଲେ କଅଣ ହେବ, ତାହା କ୍ଷଣସ୍ଥାୟୀ । ତା ନ ହେଲେ ବୁଢ଼ା ଯେଉଁ ଚଣ୍ଡା-ପ୍ରକୃତିର ଲୋକ ଏତେବେଳକୁ ସେ କାହାର କଅଣ ଦୁଅନ୍ତାଣି ତାହା କଳ୍ପନା କରି ହେବନାହିଁ । ପଟ୍ଟନାୟକଙ୍କର ସେ କଷ୍ଟର ପ୍ରଧାନ କାରଣ, ତାଙ୍କ ଅସପନ୍ନ ସ୍ୱଜନ୍ତୁର ଘୋର ବିପ୍ଳବବିଧାତା ବିଦ୍ରୋହୀ ଏକା ତାଙ୍କ କନିଷ୍ଠ ନାତି ମନ୍ଦରଧର ।

କନିଷ୍ଠ ପୁତ୍ରମାନେ ସାଧାରଣତଃ ବାପ ମା ଠାରୁ ଯେପରି ସ୍ନେହ ସୁହାଗ ପାଇଥାନ୍ତି ମନ୍ଦରଧର ତା ଠାରୁ ବହୁତ ବେଶି ପରିମାଣରେ ପାଇଥିଲା । କାରଣ କରୁଣାକର ବାବୁଙ୍କର ପୁତ୍ରସନ୍ତାନ ନ ହେବାରୁ ସେ ମନ୍ଦରଧରକୁ ଫୁଲନାଡ଼ ସହିତ ଅନ୍ତୁଡ଼ିରୁ ପୁଅକରି ନେଇଥିଲେ । ତେଣୁ ସେ ଯୁଗ୍ ପିତାମାତଙ୍କ ସ୍ନେହ ମମତାର ଦାବିଦାର ହୋଇଥିଲା । ତା ଉପରେ ଥିଲେ ମଧ୍ୟ ଯେତେବେଳେ ଯାହା ଶିଜ ଦରବଟିଏ ପଠାନ୍ତି, ତା ମଧ୍ୟରୁ ମନ୍ଦରଧର ପାଇଁ ସାରବନ୍ଧା ଜିନିଷଟିମାନ ନିର୍ଦ୍ଦିଷ୍ଟ ହୋଇଥାଏ । ଗୋସୁ-ମା ତ ନ ଦେଖିଲେ ମୂର୍ଚ୍ଛି ପାରନ୍ତି ନାହିଁ । ମନ୍ଦରଧର ଅନ୍ତୁଡ଼ିରୁ ବାହାରିଲା ଦିନୁ ହେଉ ହେବା ଯାଏ ଗୋସୁମାଙ୍କ କୋଳଛଡ଼ା ଭୂଇଁରେ ପାଦ ଦେଇନାହିଁ । ଏହିସବୁ ଲାଳନର ଆତିଶଯ୍ୟ ହେତୁରୁ ହେଉ ବା ବାଳସୁଲଭ ଚପଳତାରୁ ହେଉ ସେ ଟିକିଏ ଅତ୍ୟଧିକ ପରିମାଣରେ କୌତୁକପ୍ରିୟ ଥିଲା । ଏହା ଛଡ଼ା ତାର ଅନ୍ୟ କୌଣସି ଦୋଷ କେହି କେବେ ଦେଖିନାହାଁନ୍ତି ।

ଏଣେ ମନ୍ଦରଧର କୌତୁକପ୍ରିୟଙ୍କ ନିପୁଣ ଉସ୍ତାଦ୍, ବୁଢ଼ା ତେଣେ କ୍ଷଣକୋପରେ ଏକାନ୍ତ ଅନୁଗତ ଚେଲା । ଦୁଇଟା ବିପରୀତ-ଭାବାପନ୍ନ ପଦାର୍ଥର ସଂଯୋଗରେ ଅନିଷ୍ଟ ଓ ଅସୁଖ ଅବଶ୍ୟମ୍ଭାବୀ ।

Digitized by srujanika@gmail.com

ଉଷ୍ଣପଦାର୍ଥ ଅବଶ୍ୟ ଜଳସଂଯୋଗରେ ଶୀତଳ ହୋଇଥାଏ, କିନ୍ତୁ ତପ୍ତ କାଚ ଉପରେ ପାଣି ଛିଡ଼କାଏ ପଡ଼ିଗଲେ କାଚ ଫାଟିଯାଏ । ଏ ସ୍ଥଳରେ ଘଟଣା ଠିକ୍ ସେହିପରି । ନିର୍ଦ୍ଦୋଷ କୌତୁକ ମନରେ ପ୍ରଫୁଲ୍ଲତା ଆନୟନ କଲେହେଁ ରୁଚିର ସ୍ୱାତନ୍ତ୍ର୍ୟ ଅଛି । ରୁଚି ବିଶେଷରେ କୌତୁକ ମଧ୍ୟ ନିଜର ବିଶେଷତ୍ୱ ଦେଖାଇ ଥାଏ । ଘଟନାଯୁକେ ଯେ ସ୍ୱଳ୍ପବିର ଲୋକ, କୌତୁକ ତାଙ୍କ ମନରେ ଆନନ୍ଦ ଆନୟନ ନ କରି ବରଂ ନିରାନନ୍ଦ, କଷ୍ଟ ଓ ଅଶାନ୍ତି ଆନୟନ କରେ । ମନ୍ଦରଧର ବଡ଼ ଏକଜିଦ୍ ଯୁବକ । ସେ ଯେଉଁ ବିଷୟରେ ଲାଗେ, ବରାବର ସେଇଥିରେ ଲାଗି ଥାଏ । ସାମାନ୍ୟ ସାମାନ୍ୟ କୌତୁକରେ ବୁଢ଼ା ଯେତେ ଅଧିକ ଚିଡ଼ନ୍ତି, ସେ ତେତେ ଅଧିକ କୌତୁକ ଖେଳେ । ତାର ଯେ କୌଣସି କଥାରେ ବୁଢ଼ା ଟିକଏ ମାତ୍ର ବାଧା-ଦେଲେ, ବା ପ୍ରତିବାଦ କଲେ, ସେ କେବଳ କୌତୁକ ଦେଖିବା ମାନସରେ ପ୍ରତିବାଦ ଓ ଯୁକ୍ତିତର୍କ ଆରମ୍ଭ କରିଦିଏ । ବିଂଶଶତାବ୍ଦିର ଯୁବକକୁ ଶୁଷ୍କି ଓ ବାଗ୍‌ଯୁଦ୍ଧରେ ନ ପାରି ଶେଷେ ବୁଢ଼ା ରାଗରେ ବାଳ ଛିଣ୍ଡାଇ ହୁଅନ୍ତି । ସୁତରାଂ ମନ୍ଦରଧର ହେଲା ବୁଢ଼ାଙ୍କ ଅନ୍ତିମ ସୁଖର ଏକମାତ୍ର ଅନ୍ତରାୟ ।

(୩)

ଥରେ ଗ୍ରୀଷ୍ମଛୁଟିରେ ଧରଣୀ, ମୁରଲୀ ଓ ମନ୍ଦରଧର ତିନି ଭାଇଯାକ ଘରକୁ ଆସି ରହିଲେ । ଗାଁଆଁର ଆଉ ତିନିଚାରିଜଣ ପିଲାମଧ୍ୟ ହାଇସ୍କୁଲରେ ପଢ଼ନ୍ତି । ସେମାନେ ମଧ୍ୟ ଏ ଅବକାଶରେ ଘରକୁ ଆସିଥିଲେ । ଗାଁଆଁର ଦୋଫାଳିଆ ଶାସନ ଯୋଗୁଁ ଅଶିକ୍ଷିତ ସାଧାରଣଙ୍କର ପରସ୍ପର ମଧ୍ୟରେ ଯେପରି ସହାନୁଭୂତିର ଅଭାବ ଥିଲା, ଏ ପିଲାଗୁଡ଼ିକ ମଧ୍ୟରେ ସେପରି ନ ଥିଲା । ପଢ଼ୁଆ ପିଲାମାନଙ୍କ ମଧ୍ୟରେ ବେଶ୍ ମେଳ ଥିଲା । ପ୍ରତ୍ୟହ ସନ୍ଧ୍ୟା ସମୟରେ ସମସ୍ତେ

Digitized by srujanika@gmail.com

ପ୍ରାୟ ଏକତ୍ର ହୋଇ କ୍ରୀଡ଼ା କୌତୁକ, ଭ୍ରମଣ ଇତ୍ୟାଦି ଦ୍ୱାରା ଆନନ୍ଦ ଉପଭୋଗ କରନ୍ତି । ଦିନେ ସନ୍ଧ୍ୟା ସମୟରେ ଏକତ୍ର ଭ୍ରମଣ କରୁଥିବା ସମୟରେ ଧରଣୀଧର ଗୋଟିଏ ଗୀତ ଗାଇଲେ । ଗୀତଟି ବଡ଼ ସୁଶ୍ରାବ୍ୟ ହୋଇଥିଲା । ଅନ୍ୟମାନେ ମଧ୍ୟ ଗୋଟିଏ ୨ ଗୀତ ଗାଇଲେ । ଗୀତ ବିଷୟରେ ନାନା ଚର୍ଚ୍ଚା ହେଉଁ ହେଉଁ, ଗୋଟିଏ ଯୋଡ଼ଏ ନାଟକର ଅଭିନୟ କରିବା ପାଇଁ ସେହିଦିନ ପିଲାମାନଙ୍କ ମଧ୍ୟରେ ଗୋଟିଏ ପ୍ରସ୍ତାବ ଉଠିଲା । ସମସ୍ତେ ପ୍ରସ୍ତାବରେ ଏକମତ ହେଲେ । ତହିଁ ପରଦିନ ଗାଁଆଁ ଠାକୁରମନ୍ଦିରର କୌଣସି ନିର୍ଜ୍ଜନ ଅଂଶରେ ଯୁବକମାନେ ସମ୍ମିଳିତ ହୋଇ ସୀତାବିବାହ ଓ ହରିଶ୍ଚନ୍ଦ୍ର* ନାଟକଦ୍ୱୟ ଅଭିନୟ ନିମିତ୍ତ ନିର୍ବାଚନ କଲେ । ସଙ୍ଗେ ସଙ୍ଗେ ଅଭିନେତାମାନେ ମଧ୍ୟ ନିର୍ବାଚିତ ହୋଇଗଲେ । ସେହି ଦିନଠାରୁ ପ୍ରତ୍ୟହ ଆଖଡ଼ା ଚାଲିଲା । ଦିନ ଆଠ ଦଶଟା ଭିତରେ ଯୁବକମାନେ ଲଗିପଡ଼ି ନିଜ ନିଜର ଅଂଶମାନ କଣ୍ଠସ୍ଥ କରି ପକାଇଲେ । ଗାନ ବାଦ୍ୟରେ ସାହାଯ୍ୟ କରିବା ପାଇଁ ଗାଁଆଁର ଅନ୍ୟ କେତେକ ଲେଖାପଢ଼ା ଜାଣିଥିବା ସମବୟସ୍କ ଲୋକ ମଧ୍ୟ ଯୋଗାଡ଼ କରିନେଲେ । ପୂର୍ବରୁ କୁହାଯାଇଛି, ଗାଁଆଁଟିର ପ୍ରାୟ ଅଧିକାଂଶ ଲୋକ ସଙ୍ଗୀତ-ପ୍ରିୟ । ତେଣୁ ଗାନବାଦ୍ୟରେ ଯୋଗଦେବା ପାଇଁ ଲୋକର ଅଭାବ ନଥିଲା । ସର୍ବ ସମକ୍ଷରେ ଅଭିନୟ ଦର୍ଶାଇବା ପାଇଁ ଗୋଟିଏ ଦିନ ନିର୍ଦ୍ଦିଷ୍ଟ ହେଲା । ଧରଣୀଧର ଦିନେ କଟକ ଯାଇ କେତେକ ପୋଷାକପତ୍ର ଭଡ଼ା ଆଣିବାର ସ୍ଥିର ହେଲା ।

ଅଭିନୟ ପ୍ରଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଦିବସର ପୂର୍ବଦିନ ସନ୍ଧ୍ୟାରେ ପଟ୍ଟନାୟକେ ଦାଣ୍ଡପିଣ୍ଡାରେ ଏକାକୀ ବସି ହୁକା ଟାଣୁ ଟାଣୁ ପବନ ଖାଉଥିଲେ । ମୁହଁସଞ୍ଜ ହୋଇ ଆସିଲା, ଅନ୍ଧାର ଧିରେ ଧିରେ ମାଡ଼ି ଆସିଲା, ବାଟଘାଟ କିଛି ଦେଖାଯାଉ ନଥାଏ, ଏହି ସମୟରେ ମନ୍ଦିର ଦେଖିଆଁ ନାଥ ମୂରଲୀଧର ଠାକୁର ମନ୍ଦିରର ଆଖଡ଼ା-

* କଥାପୁସ୍ତକ

Digitized by srujanika@gmail.com

ଶାଳରୁ ଭର ଭର ହୋଇ ଧାଇଁ ଆସି ଘର ଆଡ଼କୁ ଚାଲିଗଲେ । ପ୍ରାୟ ପନ୍ଦର ମିନଟ ପରେ ପୁଣି ସେହିବାଟେ ମନ୍ଦିର ଦଗରେ ହସ୍ତ୍ରାନ୍ତ ହେଉଥିବେଳେ ବୁଢ଼ାଙ୍କ ନଜର ପଡ଼ିଲା । ସେ ପଚାରିଲେ, —ମୁରଲୀ ନା କିଏ ?

ମୁରଲୀ ଖୁବ ବିନମ୍ର ସ୍ୱରରେ ଉତ୍ତର ଦେଲେ,---"ହଁ, ଠାକୁବା !"

ପଟ୍ଟନାୟକେ---"କରେ ? ଏତେବେଳ ଯାଏଁ କୁଆଡ଼େ ସବୁ ବୁଲୁଛ ? ଘରଧନ୍ଦା କିଛି ନ ବୁଝିଲ ନାହିଁ, ତମ ନିଜ ଧନ୍ଦାଟିତ ବୁଝିବ ? ପଢ଼ୁଆ ପିଲାଗୁଡ଼ାକ,---ଠିକ ସମୟରେ ମୁହଁ ହାତ ଧୋଇ ଆସିବା, ଜଳଖିଆ ଗଣ୍ଡେ ଠିକ୍ ସମୟରେ ଖାଇନବା, ବା ପୁରୁଣା ପାଠଗୁଡ଼ିକ ଆବୃତ୍ତି କରିବା ଏସବୁ କରିବା ତମର ନିହାତ ଉଚିତ । ମାସେ ମାସେ କାଳ ଛୁଟି । ଏଥିରେ ସବୁ ଅନିୟମିତ ହୋଇ ଶେଷେ ବେମାର ହବ । ପାଠଶାଠ ସବୁ କୁଆଡ଼େ ଯିବ ।"

ମୁରଲୀ---ନା ଠାକୁବା, ଆପଣ ଶୁଣିଛନ୍ତି ପରା ଆମେ ସବୁ ଗୋଟେ ନୂଆଧରଣର ଯାତ୍ରା ଦେଖାଇବାକୁ ଯୋଗାଡ଼ କରୁଛୁଁ ! ଆମେ ବୃଥାରେ ସମୟ ନଷ୍ଟ କରୁନାହୁଁ ସେ ! ସେଇଥିରେ କେବଳ ଲାଗି ପଡ଼ିଛୁଁ ।

ପଟ୍ଟନାୟକ---ଆରେ ହଁ,—ତାହା କର । ତାହା କରିବାକୁ ତମକୁ କେହି ମନା କରୁନାହିଁ । ଟାଆଣ ବଜାଣ ଗୋଟାଏ କିଛି ସାମାନ୍ୟ ଗୁଣ ନୁହେ । ସେ ଗୁଣଟି ହାସଲ କର, ମନା ନାହିଁ । ତେବେ ତମର ଦେହଟି ଭଲରେ ରଖ । ତମର ଅସଲ କାମଟିରେ ବେଶୀ ମନ ଦିଅ ! ଅବସର ବେଳେ ଏ ବାଜେ କାମ ଗୁଡ଼ାକ କର । ଆଚ୍ଛା,---ଏତେଦିନ ଯାଏଁ ତମେ କ'ଣ ଆଖଡ଼ା କରୁଛବେ ? ଗୀତ ଗୁଡ଼ାକ ଆଗେ ଶିଖି ପକାଇଲେ ଦିନକ ଆଖଡ଼ାରେ ସବୁ ଫଏର । ତମେ ଏତେ ଦିନ ଯାଏ କି ଆଖଡ଼ା କରୁଛ ?

Digitized by srujanika@gmail.com

ମୁରଲୀ—ହଁ, ଠାକୁରା ! ସେହି ମରହଟ୍ଟୀ ଗାଉଁଲୀ ଯାତ୍ରା ହେଲେ ଧନକ ଆଖଡ଼ାରେ ସବୁ ଫଇର୍ ହୋଇ ଯାଉବ, ସନ୍ଦେହ ନାହିଁ । ଏ ଯାତ୍ରା କଅଣ ସେହିପରି ? ଏଥିରେ କେବଳ ଗୀତ ଶିଖିବାକୁ ହେଉ ନାହିଁ । ଯେ ଯେଉଁ ପାଟରେ ଅଭିନୟ ଦେଖାଇବ ତାକୁ ସେହି ପାଟର ବକ୍ତୃତା ବା କଥାଗୁଡ଼ିକୁ ସବୁ ମୁଖସ୍ଥ କରିବାକୁ ହେଉଛି ।

ପଟ୍ଟନାୟକ—କି ? କଥାଗୁଡ଼ାକ ଚଢ଼େଇ ପରି ମୁଖସ୍ଥ ରଖିବା କି ଦରକାର ? ସେଥିରେ ବା ଭମର ବାହାଦୁରୀ କଅଣ ? କେତେବେଳେ କିଏ କି କଥା କହିବ, ଆଗରୁ ଥରେ କମ୍ବା ଦଥର ଜାଣିଗଲେ ଢ଼େର ହେଲା । ଯାତ୍ରାବେଳେ ଠିକ୍ ସେହିକଥା ଯେବେ ମନରେ ନ ପଡ଼ିଲା, ତେବେ ଅନ୍ୟପ୍ରକାରରେ ବୁଝାଇ କହିଦେଲେ ହେଲା । ସେଥିପାଇଁ କଥା ଗୁଡ଼ାକ ଏତେ ମୁଖସ୍ଥ କରୁଛ କିଆଁ ?

ମୁରଲୀ—ତାହା ଠିକ୍ ନୁହେଁ ଠାକୁରା ! ସେହି ହେତୁରୁ ଆମର ଗାଉଁଲୀ ଯାତ୍ରାବାଲା ଗୁଡ଼ାକ କହନ୍ତି ଅସଂଯତ ଭାବରେ ଯେତେବେଳେ ଯାହା ଇଚ୍ଛା ତାହା କହି ପକାନ୍ତି । ଏ ଯାତ୍ରା ସେପରି ନୁହେଁ । ଯାହାକୁ ଯେଉଁ ପାଟରେ ଅଭିନୟ କରିବାକୁ ହେବ, ତାହାର କଥାଗୁଡ଼ିକ ଶୁଦ୍ଧ ସଂଯତ ଓ ସାଧୁଭାଷାରେ ସାହିତ୍ୟିକମାନଙ୍କ ଦ୍ୱାରା ଲେଖା ହୋଇଅଛି । ସେହିଗୁଡ଼ିକୁ ମୁଖସ୍ଥକରି ଠିକ୍ ସେହିପରି କହିବାକୁ ହେବ । ଅଧିକନ୍ତୁ ମଧ୍ୟ ଯେତେବେଳେ ଯେଉଁରସର କଥା ପଡ଼ିବ, ସେତେବେଳେ ସେହି ରସ ଦେଖଣାହାରୀଙ୍କ ମନରେ ଜାତ କରାଇବା ପାଇଁ ସ୍ୱରକୁ ତଦନୁରୂପ କରିନେବାକୁ ହେବ । ତା ନ ହେଲେ ଏ ଆଉ ମାର୍ଜିତ ରୁଚିର ଯାତ୍ରା କଅଣ ହେଲା ?

ପଟ୍ଟନାୟକ—ତୁ କଅଣ କହୁଛୁ ମୁଁ ବୁଝି ପାରୁନାହିଁ । ଆମ ହରିପଣ୍ଡା ଯେତେବେଳେ ଯାତ୍ରା କରୁଥିଲେ, ତାଙ୍କ ମୁଆଁରୀ ପଢ଼ ବଖତବେଳେ ଗୋଟେ କଥା କହି ଦେଉଥିଲା ହସାଇ ୨ ଲୋକଙ୍କ

Digitized by srujanika@gmail.com

ପେଟ ଭିତରୁ ଘିତ କାଢି ପକାଉଥିଲା । ଶଙ୍କର ପାଣିଗ୍ରାହୀ ଯେତେ-ବେଳେ ହନୁମାନ ହୋଇ ଲଙ୍କା ପୋଡ଼ିବାକୁ ଆସେ, ତେତେବେଳେ ତା'ର ବିକଟ ଚିତ୍କାର ଓ ରୂପଦେଖି ପିଲାଏ ଘରଭିତରେ ଲୁଚୁଥିଲେ

ମୁରଲୀ—ହଁ ଠାକୁବା, ମୁଁ ହରି ପଣ୍ଡାଙ୍କ ଯାତ୍ରା ଦେଖିଛି । ତାଙ୍କ ଦ୍ୱାରି ଯେପରି ଖିଆଲିଆ କଥା କହେ ସମୟ ସମୟରେ ସେହିପରି ଅସଭ୍ୟ ଅଙ୍ଗପତ କଥା ମଧ କହେ । ତାହା ଭଦ୍ରଲୋକେ ନିଜର ଝିଅବୋହୂ, ପରିବାରଙ୍କ ସହିତ ବସି ଶୁଣିବାକୁ ଲଜ୍ୟା ବୋଧ କରନ୍ତି ।

ଗୋସ୍ୱାମି ନାତିଙ୍କ ମଧ୍ୟରେ ଏହିପରି କଥାବାର୍ତ୍ତା ଚାଲୁଥିବା ସମୟରେ ନଧିଯେନା ମୂଲିଆ ନିଆଁ ବିଡ଼ି ଖଣ୍ଡେ ଧରି ପହଞ୍ଚି ଶୋଇ-ବାକୁ ପହଞ୍ଚିଗଲା । ପଟ୍ଟନାୟକେ ପଚାରିଲେ,—"କରେ ନଧିଆ, ଆଜ ଦିପହରେ ଗଲୁ କୁଆଡ଼େ ? କାମକୁ ଅଇଲୁ ନାହିଁ କାହିଁକି ?"

ନଧିଆ– ସାଆନ୍ତେ, ଦୋଷ ମାଫ୍ କରିବେ । ବାବୁମାନେ ଆଖଡ଼ା କରୁଥିଲେ । ଶୁଣୁ ଶୁଣୁ ଡେ଼ରି ହୋଇଗଲା । ଡ଼ରେ ଆସିଲି ନାହିଁ ।

ପଟ୍ଟନାୟକ ତୁ କଣ ନିତି ଆଖଡ଼ା ଦେଖୁ ? ନା ଆଜଦିନକ ଦେଖୁଥିଲୁ ?

ନଧିଆ—ନା ସାଆନ୍ତେ ! ମୁଁ ନିତି ଘଣ୍ଟେ ଘଣ୍ଟେ ଶୁଣେ ।

ପଟ୍ଟନାୟକ– କଣ ଶୁଣିଛୁ କହନ ? ମୁଁ ଟିକେ ଶୁଣନ୍ତି ।

ନଧିଆ– ସାଆନ୍ତେ ! ସବୁ ଶୁଣିଛି, କହି କହିପାରମି ନାହିଁ । ମୋ ମନରେ କିଛି ନାହିଁ ।

ପଟ୍ଟନାୟକ– ଆରେ ? ତୁ କି ରକମ ବୁଦ୍ଧିଆ ଟେ ମ ? ପଦେ ଅଧେ ଗୀତ ବ ସୁଦ୍ଧା ତୋ ମନରେ ନାହିଁ ନା ? ଯାହା ମନରେ ଅଛି କହ । କିଏ ଚଣ୍ଡି ଚି ନା ବାନ୍ଧୁଛି ?

Digitized by srujanika@gmail.com

ନଧିଆ— ନା ସାଆନ୍ତେ, ମୋ ମନରେ କିଛି ନାହିଁ । ସବୁ କଥାତ ମୁଁ ସମଝି ପାରୁନାହିଁ, ମନରେ ରହିବ କୁଆଡୁ ? ସେ ଗୀତ-ଗୁଡିକ ଶୁଣିବାକୁ ଭଲ ଲଗୁଛି ସତ, କିଛି ବୁଝି ହଉନାହିଁ । ତେଣୁ ମୋ ମନରେ କିଛି ନାହିଁ ।

ପଟ୍ଟନାୟକ—ଆଚ୍ଛା, ତୁ ହରିପଣ୍ଡାଙ୍କ ଯାତ୍ରାତ ଦେଖିଛୁ ?

ନଧିଆ—ହଁ, ସାଆନ୍ତେ ।

ପଟ୍ଟନାୟକ ଆଚ୍ଛା, ସେଥିରୁ ଗୋଟେ ଗୀତ କହନ ଶୁଣେ ?

(ନଧିଆ ଗଳା ଖଙ୍କାର ମାରି ଗାଇବାକୁ ଆରମ୍ଭ କଲା—)

ବାଜୁ ପଛେ ଅପବାଦ ନାଗର
    ନ ଛାଡିବି ମୁରଲୀଧର ଇତ୍ୟାଦି ଇତ୍ୟାଦି ।

ପଟ୍ଟନାୟକ—ସିଆବାଶ୍ ! ସିଆବାଶ୍ ! ବେଶ୍ ଗୀତ ! ବେଶ୍ ଗାଇଛୁ । ଅଚ୍ଛା ଆଉ ଗୋଟେ ହଉ ।

ନଧିଆ ପ୍ରଶଂସା-ବାଦ ଶୁଣି କୁଣ୍ଢେ ମୋଟ ହୋଇଗଲା । ତା ମନଟା ଫୁଲି ପଡିବାରୁ ସେ ପୂର୍ବାପେକ୍ଷା ବଡ଼ ଗଳା ଖଙ୍କାରଟାଏ ଛାଡି ପୁଣି ଗାଇଲା—

ଗଲିଣିତ ଗଲୁ କଥାରେ ସଙ୍ଗାତ ଗଲିଣିତ କଲୁ କଥା ।
ଗୁପତେ ପିନା ମୁଁ ତୋତେ ପଚାରୁଛି ବଳପଡିବାରୁ ବ୍ୟଥାରେ
    [ଇତ୍ୟାଦି ଇତ୍ୟାଦି]   ସଙ୍ଗାତ ।

ପଟ୍ଟନାୟକ—ଦେଖ୍ ମୁରଲୀ ! ଏଇଆକୁ କହନ୍ତି ଗୀତ ! ଏହିଅକୁ କହନ୍ତି ସାହିତ୍ୟ ! ଏହିଆକୁ କହନ୍ତି ରସ ! ତମେ ସବୁ କ ସାଧୁ ଭାଷା, ସାଧୁ ସାହିତ୍ୟ ବଖାଣି ହଉଚରେ ?

ମୁରଲୀ— କି, ଆମର କଅଣ ହେଲକ ସାଆନ୍ତ ବା ? ଯେ ନଦା ମୂର୍ଖ ସେ ସାହିତ୍ୟ ଭାଷା, ଉଚ୍ଚସାହିତ୍ୟ ବୁଝିବ କଅଣ ? ନଧିଆ ନଦା ମୂର୍ଖ, ସେ ସାହିତ୍ୟ ବୁଝିବ କୁଆଡୁ ହେ ଆମ ଗୀତ ବା ବକ୍ତୃତା ସବୁ ମନରେ ରଖି ତମକୁ କହିବ ?

Digitized by srujanika@gmail.com

ପଞ୍ଚନାୟକ—ଆରେ କ ସାହିତ୍ୟ ସାହିତ୍ୟହଉଛ ମ ? ଯେଉଁ ଭାଷା, ଯେଉଁ ଭାବ ସାଧାରଣଙ୍କ ମନକୁ ଅଧିକାର କରିପାରେ ତାହାର ନା ଭାଷା, ତାହାର ନା ସାହିତ୍ୟ, ତାହାର ନା ଭାବ ।

ଇତି ମଧ୍ୟରେ ମନ୍ଦରଧର ଆସି କେତେବେଳେ ପହଞ୍ଚିଯାଇ କଥା ଶୁଣୁଥିଲେ । ଏତିକ ବେଳେ ସେ ମଧ୍ୟ ତର୍କରେ ଯୋଗଦେଇ ବସିଲେ ଃ –

ମନ୍ଦରଧର---ତେବେ ଆମ ସାହିତ୍ୟ ଗୁଡ଼ାକ ସବୁ ପଚୁ

ମନ୍ଦରଧରର କଥା ଶୁଣି ବୁଢ଼ା ଟିକେ ଖପ୍ପାହୋଇ ଉଠି କହିଲେ, "ତୁ ଟା କଅଣ ଜାଣୁ ? ସାହିତ୍ୟର ସ ଅକ୍ଷର ତ ମାଲୁମ ନାହିଁ, କଅଣ କହିବୁ ?"

ମନ୍ଦରଧର---ହଉ, ହେଲ, ମୁଁ କଛି ନ ଜାଣିଲି ନାହିଁ ସେହି ନଧିଆ ସବୁ ଜାଣୁ । ଆଗୁ, ଠାକୁରା, ଅସଭ୍ୟ ଗାଉଁଆଳ ପିଲସବୁ ଅସଭ୍ୟ ଭାଷାରେ ଗାଳିଗୁଡ଼ାକ ଖୁବ୍ ଚଞ୍ଚଳ ଚଞ୍ଚଳ ଜଭ ଅଗରେ ରଖି ପାରନ୍ତି । ସେ ସବୁ କଣ ସବୁଠୁଁ ଉଚ୍ଚ ସାହିତ୍ୟ ?

ପଞ୍ଚନାୟକେ ଏକେ ଚଡ଼ାଲୋକ । ମନ୍ଦରଧର ଯୁକ୍ତିରେ ସ୍ୱଭାବତଃ ସେ ବେଶୀ ଚଡ଼ନ୍ତି । ତେଣୁ ଅଧିକ ବାକ୍ୟ ବ୍ୟୟ ନ କର କହିଲେ, "ଉଠ୍, ପଳ ! କାଲିକା ଅଣ୍ଡା ଖପ୍ରେ-ତଣ୍ଟି ଚିପିଦେଲେ ଦୁଧ ବାହାରିବ, ଆମ୍ଭ ସାଙ୍ଗରେ କ କଥା ! ଏତକ କହି ବୁଢ଼ା ଗୁଙ୍ଗରିଲେ ।

ମନ୍ଦରଧର ମଧ୍ୟ ବୁଢ଼ାଙ୍କୁ ଶୁଣାଇ ନ ଶୁଣାଇଲାପରି କହି କହି ଗୁଙ୍ଗରିଲେ---"ଆମ ଯାହା ଯାହାଙ୍କୁ ପିଛାଳଦିଲୁ, ସେ ନ ଦେଖନ୍ତୁ । ଆଜ୍ଞୁ ଓଁକୁନ୍ତି ଜଏ ?"

ପଞ୍ଚନାୟକେ ଅଧିକ କିଛି ନ କହି ରାଗ ତପାଇ ବଙ୍ଗଳା ଆଡ଼କୁ ଚାଲିଗଲେ । ମୁରଳୀ ଓ ମନ୍ଦରଧର ମଧ୍ୟ ଖାଇବାପାଇଁ ଘର ଆଡ଼କୁ ଚାଲିଗଲେ ।

Digitized by srujanika@gmail.com

(୪)

କାର୍ତ୍ତିକ ଦିନ ରାତି ଆଠଟାବେଳେ ଅଭିନୟ ଆରମ୍ଭ ହେଲା । ନୂଆ ଧରଣର ଯାତ୍ରା ଦେଖିବାପାଇଁ ବୁଢ଼ା ବୁଢ଼ୀ, ଛୁଆପିଲା, ସମସ୍ତେ ବ୍ୟଗ୍ର ଆଗ୍ରହରେ ଏକତ୍ରିତ ହେଲେ । ବୃଦ୍ଧ କାଶୀରାମ ମଧ୍ୟ ବେଳୁସୁଁ ଖିଆ ପିଆର ଧୂମ୍ ଲଗାଇଲେ । କିନ୍ତୁ କୌଣସି ଅନିବାର୍ଯ୍ୟ କାରଣରୁ ତାଙ୍କର ଅଧଘଣ୍ଟାଏ ବିଳମ୍ବ ହୋଇଗଲା । କୌଣସି ଗୋଟିଏ ଦୃଶ୍ୟ ଠିକ୍ ଶେଷ ହେବା ବଖତରେ ପହଞ୍ଚିଲେ । ବୃଦ୍ଧ କାଶୀରାମ ଦର୍ଶକମଣ୍ଡଳୀରେ ଆସନ ନେଇ ସମାସୀନ ହେବା ମାତ୍ରେ ଦୃଶ୍ୟପଟ ପଡ଼ିଲା । ପରଦା ପଡ଼ିବାର ଦେଖି ପଟ୍ଟନାୟକେ ରାଗି ଖୁନ୍ । କ୍ରୋଧ ଅସମ୍ଭାଳ ହେବାରୁ ସେ ହଠାତ୍ ଉଠି ପଡ଼ି କହିଲେ, - "ନ ହେଲା ନାହିଁ, ଏ ଯାତ୍ରା ଦେଖି ଯା ଆମେ ବୈକୁଣ୍ଠକୁ ଯାଆନ୍ତୁ, ତାହା ନ ହେଲା ତ ନାହିଁ । ଯେଉଁମାନେ ଦେଖିଲେ ସେହିମାନେ ବୈକୁଣ୍ଠକୁ ଯାଉନ୍ତୁ । ଆମର ଦରକାର ନାହିଁ ।" ଏହି କଥା କହୁଁ କହୁଁ ବୃଦ୍ଧ ରାଗରେ କଁଅଁ କଁଅଁ ହୋଇ ଖର ଦୁମ୍‌ଦୁମ୍ ଗତିରେ ନିଷ୍କ୍ରାନ୍ତ ହେଲେ । ତାଙ୍କ ସାଙ୍ଗ ସାଥୀ ବୁଢ଼ାଏ କହୁଥାନ୍ତି- "କି, ପଟ୍ଟନାହାକେ ! ପଳାଉଛ କାହିଁକି ? ବସ, ବସ, ପିଲାଏ ମନ୍ଦ କରୁନାହାନ୍ତି । ଘଡ଼ିଏ ଦିଘଣ୍ଟା ଦେଖି ଯିବା ।"

କାଶୀରାମ ରାଗି ଚଞ୍ଚଳ ହୋଇଥିଲେ, କଥା ଶୁଣୁଛି କିଏ ?

ଏକେ ଅନ୍ଧାରରାତି, ଦ୍ୱିତୀୟତଃ କାଶୀରାମ ବୃଦ୍ଧ । ରାଗ ଜର ଜର ଖରଗତିରେ ଘରକୁ ଫେରୁଁ ଫେରୁଁ ବାଟରେ ଗୋଟାଏ ଇଟା ହାବୁଡ଼ି ପଡ଼ିବାରୁ ଗୋଡ଼ ଅଙ୍ଗୁଳିଠାରୁ ଟିକିଏ ଛିଡ଼ିଯାଇ ନହୁଲୁହାଣ ହୋଇଗଲେ । ତେଣୁ କ୍ରୋଧ ଓ ମନଃକଷ୍ଟ ଅତ୍ୟଧିକ ବଢ଼ିବାକୁ ଲାଗିଲା । ଦାଣ୍ଡଦ୍ୱାରେ ପହଞ୍ଚି ଡାକିଲେ, "ନାଗାବଉ ! ନାଗାବଉ ! କବାଟ କାଢ଼ ।"

Digitized by srujanika@gmail.com

ବୁଢ଼ୀଙ୍କୁ ଟିକେ ଘୁଇନବ୍ରା ଘାର ଯାଇଥିଲା । ବୁଢ଼ାଙ୍କ ପାଟି ବାର୍ ନେଇ ସେ ଚଟ୍‌କ ଉଠିପଡ଼ି କବାଟ କାଢ଼ିଦେଲେ । ଏତେ ଶୀଘ୍ର ବୁଢ଼ାଙ୍କୁ ଫେର୍ ଆସିବାର ଦେଖି ସେ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ, "କ ହୋ ! ସାଙ୍ଗେ ସାଙ୍ଗେ କଣ ଯାହା ଦେଖା ସବୁଗଲା ?" ଘାପଟା ଜାକଦେଇ ଦେଖିଲା ବେଳକୁ ବୁଢ଼ାଙ୍କ ଗୋଡ଼ ନହୁନୁହାଣ ! ମୁହଁକୁ ଅନାଇଲା ବେଳକୁ ଆଖିରୁ ସତେ ଯେମନ୍ତେ ଜଳନ୍ତା ନିଆଁ ବାହାରୁଛି। ମୁହଁଟା ସାରା ଲାଲ ପଡ଼ିଛି, ଓଠ ଥରୁଛି ନାକ ପୁଡ଼ାରୁ ଗୋଖୁର ସାପର ବଷାକ୍ତ ଉତ୍ତପ୍ତ ଶ୍ୱାସ ବାହାରୁଛି; ଦେହଟା ସାରା ଝାଳ ଗମ୍‌ଗମ୍ । ବୁଢ଼ୀ ଏ ବେଳରେ ଆଉ କିଛି ନପଚାରି ବିଞ୍ଚଣା ଖଣ୍ଡେ ଧରି ବିଞ୍ଚି ପକାଇଲେ । ପ୍ରାୟ ପନ୍ଦରମିନିଟ କାଳ ବିଞ୍ଚା ଖାଇ ପଞ୍ଚାନନକେ ଟିକେ ଥଣ୍ଡା ହେଲେ । କିନ୍ତୁ କୋପର ଥଣ୍ଡା ହବାର ନୁହେ ! ସେ ବରଂ ଦ୍ୱିଗୁଣ ଉତ୍ତପ୍ତ ହେଉଥାଏ । ସାଆନ୍ତାଣୀ ଖୁବ୍ ସାହାସ ବାନ୍ଧି ପଚାରିବାକୁ ଲାଗିଲେ; "ଅନ୍ଧାରଟାରେ ଆସୁଁ ଆସୁଁ ଭୂତ ପେତ କିଛି ହାବଡ଼ିଲ ନା ଚୋର୍ ଟସ୍କର କେହି କିଛି କଲେ ? କଥା କଅଣ କୁହନ୍ତ ଟିକେ ଶୁଣେ ।"

ପଞ୍ଚାନନ - କଅଣ ଶୁଣିବୁ ନାଗାବଉ ? ସେ ସବୁ ମୋ କପାଳ କଥା । ବାହାକ ଯାକ ଦେହ ମାଟିକରି ରୋଜଗାର କଲି; ଜନ୍ମ ପିମ୍ପୁଡ଼ିଙ୍କ ମୁହଁରୁ ଛଡ଼େଇ ଏ ଗୁଡ଼ାଙ୍କୁ ଖୋଇ, ପେଇ, ପୋଷି ପାଳି, ବଡ଼େଇଲି । ଅଣ୍ଡାଙ୍କୁ ଭେଣ୍ଡା କଲି । ଶେଷ ବେଳକୁ ଆଙ୍କର ହାତରେ ଗଞ୍ଜଣା ଭଗବାନ ଖଞ୍ଜିଲେ । ଆଉ ସହିପାରିବ ନାହିଁ । କିମିତ ଏ ଜୀବନଟା ବାହାରି ଯାଆନ୍ତାକି ମୁଁ ଉଦ୍ଧାର ପାଆନ୍ତି !

ସାଆନ୍ତାଣୀ ରାମ୍, ରାମ୍; ସେ କଥା ମୁହଁରେ ଧରନାହିଁ । କଳିତଠା ଷାଠିଏ ଟପିଲ, ତେବେ ବୁଢ଼ା ପାକଲା ବାଳରେ ସୁନ୍ଦର ଦେଖ ଅର୍ଦ୍ଧାଙ୍ଗିଣୀ ବୋଲଉଛ ଏକା ତମରି ଲାଗି ପିନା ! ଆଉ

Digitized by srujanika@gmail.com

ସିମିତକା କଥା ମୁହଁରେ ଧରିବ ନାହିଁ । ଇମିତ ଇମିତରେ ଶାଢ଼ୀ, ଶଙ୍ଖା, ସିନ୍ଦୂର ଘେନ ତମ ଆଗରୁ ଯାଇ ସାରେଁ, ତା ପରେ ତମେ ସେପରି କଥା ମୁହଁରେ ଧରିବ । କଥା କଅଣ କୁହନ ! ମୋ ରାଣତ, ମୋ ମୁଣ୍ଡ ଖାଅତ, ମୁଁ ମଲ୍‌ବୋଲି ମାଛ ଭାତ ଖାଅତ କଅଣ ହେଇଚ ମତେ ଟିକଏ ସଫାକି ଖୋଲି କୁହ । ଏତେ ହର-କତ ହେଲେ, ଅଧ ବାହରୁତ ଡାକଟେ ଦେଇଥିଲେ ମୁଁ ବାଟକୁ ଯାଇ ପିମ୍ପା ଜାଳି ଦେଖାଇ ଥାନ୍ତ ! ମୋତେ ଡାକି ନ ପକେଇ ଏତେ ହଇରାଣ ହେଲ କାହିଁକି କୁହନି ?

ପଟ୍ଟନାୟକ—ନାଗାବଣ୍ଡ ! ଭୂତ, ପେତ; ଚୋର, ତସ୍କର କେହି ମୋର କେବେ କିଛି ଅନିଷ୍ଟ କରିନାହାନ୍ତି । ମୁଁ ତ କାହାର କିଛି ଅନିଷ୍ଟ ମନରେ ହେଲେ ଭାବେ ନାହିଁ । ମୋର କାହିଁକି କିଏ ଅନିଷ୍ଟ କରିବ । ଯାହା କରିବାର କରୁଛି ସେହି ଶଳା—ମନ୍ଦରା । ଘରେତ ଯାହା କଲା କଲା । ବାହାରେ ଯାହା କଲା ତାହା ସାରା ଶତ୍ରୁ କରିବ ନାହିଁ । ନାଗାବଣ୍ଡ ! କିମିତ ମରିବ ମୋତେ ଉପାୟ କହିଦେ । ଆଉ ଏ ଅପମାନ ସହିପାରିବ ନାହିଁ ।

ସାଆନ୍ତାଣୀ—ସତକଥା, ଘରେ ଯାହା ଲଗିଲ ଲଗିଲ । ତମେ ବଜଣ ବାହାରେ ପାଞ୍ଚ ମିଣିପଙ୍କ ଆଗରେ ଯଦି ଏଇମିତ ହେବ, ଲୋକେ କହିବେ କଅଣ ? କରିଛି କଅଣ ସେ କୁହନି, ମୁଁ ଶୁଣେ !

ପଟ୍ଟନାୟକ—ଗୁଣ୍ଡ ସେ ଶଳାଠା କଥା । ସେ ଯାହା କରୁଛି ତାହା ମୁଁ ହେଲାକୁ ସଜ୍ଜୁଚ । ବସୁଧାଦ ଫାଟି ଯାଆନ୍ତା । ଶୁଣିବୁ ତା ଗୁଣ—ଯାହା ଦେଖିବା'ପାଇଁ, ଗାଁ ସାରା ଟୁଆ, ପିଲା, ବୁଢ଼ା, ବୁଢ଼ୀ ସବୁ ଜମା ହେଇଛନ୍ତି । ମୁଁ ଯାଇଁ ବାହାରେ ଗୋଡ଼ ଦେଳାଷଣି ଗୋଟେ ପରଦା ଢ଼ଙ୍କାଇ ସବୁ ଲୁଟେଇ ଦେଲା ।

Digitized by srujanika@gmail.com

ପରଦା ଭିତରେ ଲୁଚି ରହି ଟୁଙ୍ଗ୍ ଟାଙ୍ଗ୍ କଲେ । ଗୀତ ବୁଲି, କଥା କୁହା ସବୁ ବନ୍ଦକରି ଦେଲି । ଏଟା ସେହି ମନ୍ଦିରର ଫିକର ନୁହେଁତ ଆଉ କାହାର ? ଶହ ଶହ ଲୋକ ଜମା ହୋଇଛନ୍ତି । ସେ ଗୁଡ଼ାକ କଅଣ ଭାବଥିବେ କହନ୍ତ ? ମୁଁ କଣ ପାଣ ପାଇକଠାରୁ ହୀନ ହେଲି ? ପାଣ ହାଡ଼ି ସମସ୍ତେ ଦେଖୁଛନ୍ତି । ମୁଁ ଗଲାଷିଣି ସବୁ ତୁଣ୍ଡେଇ ପକାଇଲି ।

ସାଆନ୍ତାଣୀ—ସତେ ? ଏ ଟୋକାଟାର ଏକ ବୁଦ୍ଧି ଲୋ ମା ! ସବୁବେଳେ ଅଇଣ୍ଡ ପଇଣ୍ଡ ପରି ଲାଗାଇ ଏ ବୁଢ଼ାଙ୍କୁ ରଖି ଦେଲା ନାହିଁ । ଆସୁ ହଉ; ଆମର ସେ ଯାତରି ଦେଖାରୁ କ ମିଳିବ । ତମେ ବୁଢ଼ା ମଣିଷ, ଖାଇସାରି ରାତି ଅନିଦ୍ରା ହେଲେ ଦେହ ଖରାପ ହେବ, ଶୋଇପଡ଼ । ମୁଁ ଟିକିଏ ଗୋଡ଼ ହାତ ଘଷି ଦେଉଛି । ତମେ ଶୋଇପଡ଼ । ଯାହା ଦେଖିଲେ ଆମେ ବଇ-କୁଣ୍ଠକୁ ଯାଆନ୍ତେ ତାହା କ ହେଲାତ ନାହିଁ । ସ୍ତ୍ରୀଙ୍କ ସାନ୍ତ୍ୱନା ବାଣୀରେ ପଟ୍ଟନାୟକଙ୍କର କୋପ କଉଡ଼ି ସୁଦ୍ଧା ଊଣା ହେଲା ନାହିଁ । ବୁଢ଼ୀ ରାଣ ସମ୍ଭ ଚକାଇବାରୁ ବଛଣା ଉପରେ ଲମ୍ବହୋଇ ପଡ଼ିଲେ ସତ କନ୍ତୁ, ତାଙ୍କ କ୍ରୋଧ ତେଜରେ ନିଦ୍ରାଦେବୀ ଡରେ ତାଙ୍କ ପାଖ ପଶିଲେ ନାହିଁ । ବୁଢ଼ୀ ଗୋଡ଼ ଘଷୁଁ ଘଷୁଁ କେତେବେଳେ ତାଙ୍କୁ ନିଦଧରି ଗଲା । ସେ ଆଉ କଛି ଜାଣନ୍ତି ନାହିଁ ।

(୫)

ରଥ ପାହିଲା । କୁଆସୁଣୀ ମାନେ ଖୁବ୍ ଭୋର ଉଠି ଝିଅ ଆସିଲା ବେଳକୁ ବାସିପାଇଟି ସାରିଦେଲେ । ସାଆନ୍ତାଣୀ ମଧ ଭୋରୁ ଉଠି ଶିଶୁମାନଙ୍କ ଟହଲ ସାରି ବାଡ଼ିକୁ ବାହାରିଲେ । ପିଲାମାନେ ଯାହା ସାରି ପ୍ରାୟ ଦନଟାବେଳେ ସମସ୍ତେ ଆସି ପଟ୍ଟନାୟକଙ୍କ

Digitized by srujanika@gmail.com

ବଙ୍ଗଳାରେ ଶୋଇଥିଲେ । ଖଗ ଝମେ ଗଛପତ୍ର ଗୁଳବାଡ଼ରୁ ଉହ୍ଲାଇ ଦାଣ୍ଡ ଘାଟ, ପିଣ୍ଡା ପଦାଣ୍ଡରେ ଗୁଳ ହୋଇସିବାରୁ ବୁଢ଼ୀ ପିଲମାନଙ୍କୁ ଉଠାଇ ଦେଲେ । ସେମାନେ ନିତ୍ୟ ନୈମିତ୍ତିକ ଶେଷ କରିବାପାଇଁ କେହି ଗାଁଆଁ ମୁଣ୍ଡ ପୋଖରୀ ଆଡ଼କୁ କେହି ବା ନିକଟ-ବର୍ତ୍ତୀ ନଈବାଲି ଆଡ଼କୁ ଚାଲିଗଲେ । ପଣ୍ଡାପୁଅଙ୍କର ରାତି ତିନଟା ବେଳୁ ନିଦ ଭାଙ୍ଗେ । ସେ ସେତିକାବେଳୁ ନିତ୍ୟକର୍ମ ଶେଷ କରିବା-ପାଇଁ ଲୁଟାଟି ଘେନି ଗାଁଆଁ ମୁଣ୍ଡ ପୋଖରୀ ଆଡ଼କୁ ଚାଲି ଯାଆନ୍ତି । କାମ ଶେଷକରି ଦାଣ୍ଡଘାଟରେ ସମବୟସିଆ ବୁଢ଼ାବୁଢ଼ୀଙ୍କ ସାଙ୍ଗରେ ଗପସପ ସାରି ପ୍ରାୟ ଦିନ ଦଶଘଡ଼ିବେଳକୁ ଗାଧୋଇବା ପାଇଁ ଘରେ ପହୁଞ୍ଚନ୍ତି । କିନ୍ତୁ ଆଜି ତାଙ୍କର କାହିଁକି ଦେଖାନାହିଁ । ବେଳ ପହରେ ଗଡ଼ିଗଲା, ତାଙ୍କର ଗନ୍ଧବାସନା ନାହିଁ । ସାନବୋହୂ ତେଲ-ଗିନାଟି ଦାଣ୍ଡପିଣ୍ଡାରେ ରଖିଦେଇ ଯାଇଛନ୍ତି, ବୁଢ଼ାଙ୍କ ଖୋଜ ଖବର ଆଉ କେହି ନେଇ ନାହାନ୍ତି । ପିଲମାନେ ନିତ୍ୟକର୍ମ ସାରି ଫେରିଲାରୁ ସାଆନ୍ତାଣୀ ସେମାନଙ୍କୁ ବୁଢ଼ାଙ୍କ ସନ୍ଦେଶ ପଚାରି ବୁଝିଲେ ଯେ ସେମାନେ କେହି ତାଙ୍କୁ ଦାଣ୍ଡରେ କିମ୍ବା ପୋଖରୀ ଆଡ଼ରେ ଭେଟ ପାଇ ନାହାଁନ୍ତି । ଗତ ରାତିର କଥା ଭାବି ବୁଢ଼ୀଙ୍କ ମନରେ ଗୋଟାଏ ଧୋକା ଜନ୍ମିଲା । ତାଙ୍କର ଦୁଃଖପୂର୍ଣ୍ଣ ବିରସ ବିମର୍ଷଭାବ ଦେଖି ଧର-ଣୀଙ୍କ ମନ ଉଦ୍ବିଗ୍ନ ହେଲା । ସେ ବହୁତ ଜିଦ୍‌କରି ନିଆମ ସମନ୍ଧ ପକାଇ ବୁଢ଼ୀଙ୍କୁ ପଚାରି ଗତରାତିର ସମସ୍ତ ଘଟଣା ଅବଗତ ହେଲେ । ବୁଢ଼ା ସେହି ରାତିରେ ଘରଛାଡ଼ି କେଉଁଆଡ଼େ ଚାଲିଯାଇଥିବାର ସମସ୍ତେ ଅନୁମାନ କଲେ । ଆହୁରି ମଧ୍ୟ ଦେଖାଗଲା ଯେ ଘରଭିତରେ କବାଟ କୋଣକୁ ଅମଳା ଡ଼ାଳଟି ରଖା ହୋଇଛି । ବୁଢ଼ାଙ୍କ କୋଥଳି ଓ ବାଡ଼ି ଖଣ୍ଡିକ ମଧ୍ୟ ନାହିଁ । ତେଣୁ ବୁଢ଼ା ଯେ ସତରେ କେଉଁଆଡ଼େ ଅନ୍ତର ହୋଇଛନ୍ତି, ଏ କଥା ଜାଣିବାକୁ ଆଉ ବାକିରହିଲା ନାହିଁ । କରୁଣାକର ବାବୁ ଏକଥା ଶୁଣି ବଡ଼ଦୁଃଖିତ ହୋଇଭାବିଲେ, "ଭାଇଏ

Digitized by srujanika@gmail.com

କଥା ଶୁଣିଲେ କଅଣ କହିବେ ? ଅଶୀବର୍ଷର ବୁଢ଼ା—ଆଜ ଅଖିଆ ଅପିଆ କୁଆଡ଼େ ଗୃଲି ଗୃଲି କେଉଁଠି ପହଁଞ୍ଚିବେ ! ଯେ ଦେଖିବ କହିବ କଣ ? ଏ ମନ୍ଦର ମୋତେ ସଂସାରରୁ କାଢ଼ିଲା ! ମୁଁ କରିବି କଅଣ ?"

ଧରଣୀ ସବୁବେଳେ ବୋଧା ଲେକ । ସେ ସମସ୍ତଙ୍କୁ ବୋଧ-ଶୋଧ କରି ସାଇକେଲ୍ ଖଣ୍ଡ ଧରି ଆନନ୍ଦପୁର ସଡ଼କରେ ବାହାରି ପଡ଼ିଲେ । ବାଟରେ କାହାରିକୁ କିଛି ନ କହି ଏକଦମ ସଡ଼କେ ୨ ଛୁଟିଲେ । ଯାହାହେଉ ଅବଶେଷ ତାଙ୍କ ଯାତ୍ରା ସଫଳ ହେଲା । ଗାଁଆଁ ଠାରୁ ଗୃରିମାଇଲ ଦୂରରେ ଗୋଟିଏ ପୋଖରୀ ଆଢ଼ର ବର-ଗଛ ମୂଳରେ ପଟ୍ଟନାୟକେ ବସି ଥକା ମେଣ୍ଟାଉଥିଲେ । ଧରଣୀ ସାଇକେଲରୁ ଓହ୍ଲାଇପଡ଼ି ଲମ୍ବିତମ୍ବ ଗୋଡ଼ତଳେ ପଡ଼ିଲେ । ଉଠ ଉଠ ବୋଲି କୋମଳ ସ୍ୱରରେ କହି ପଟ୍ଟନାୟକେ ତାଙ୍କ ମୁଣ୍ଡ ଟେକି ଧରିଲେ । କିନ୍ତୁ ଧରଣୀ ନ ଉଠି କହିବାକୁ ଲାଗିଲେ, "ମୋ କଥା ଯଦି ରଖିବେ, ତେବେ ଉଠିବ; ନୋହିଲେ ଉଠିବ ନାହିଁ ।"

ପଟ୍ଟନାୟକ—ତୋ କଥା ନ ରଖି ଆଉ ରଖିବି କାହା କଥା ବାପ? ଉଠ୍ ଉଠ୍ ଏବେ ଉଠ୍ । ତୁ ମୋ କଥାଟି ରଖିବୁ ଯଦି ମୁଁ ତୋ କଥା ନିଶ୍ଚୟ ରଖିବି ।

ଧରଣୀ—ଏ କଅଣ ଠାକୁରା ? ମୁଁ କଅଣ ଆପଣଙ୍କ କଥା ରଖିବି ? ଆପଣ ଯାହା ଆଦେଶ ଦେବେ ତାହା ଆମ୍ଭମାନଙ୍କର ଶିରୋଧାର୍ଯ୍ୟ । ଆମ୍ଭେମାନେ ଆପଣଙ୍କ ପିଲାବରୁ ଜାତ, ଆପଣଙ୍କ ଆଦେଶ ପାଳନ କରିବା ଆମ୍ଭମାନଙ୍କର ସର୍ବଦା ଉଚିତ୍ । ଆପଣଙ୍କ କଥା ରହିବ ନାହିଁ ବୋଲି ସନ୍ଦେହ କରୁଛନ୍ତି କପରି ?

ପଟ୍ଟନାୟକ—ନାଁ ରେ ବାପ, ଆଜିକାଲି ଆମେ ବୁଢ଼ାଗୁଡ଼ାକ ବଡ଼ ହେଲୁ । ଆମ କଥା ଆଜକାଲି ଯୁଗରେ ଆଉ ରହୁନାହିଁ । ଆମେ ସବୁ ଏବେ ବଡ଼ ଅକର୍ମଣ୍ୟ, ଘୃଣ୍ୟ ଏବଂ ପରିତ୍ୟାଜ୍ୟ ।

Digitized by srujanika@gmail.com

ଧରଣୀ—କିନ୍ତୁ ଠାକୁବା ! ଏ କଥା ଗୁଡ଼ାକ କାହିଁକି ବାହାର କରୁଛନ୍ତି ? କେବେହେଲେ ଆପଣଙ୍କ ଆଦେଶ ତଳେ ପକାଇନାହିଁ । ଆପଣ ମଧ୍ୟ କେବେ ହେଲେ ମୋ ଅନୁରୋଧ ଏଡ଼ିନାହାନ୍ତି । ଏତେ ସ୍ନେହ କରି ଆଜି ଯେବେ ମୋ କଥା ନ ରଖିବେ, ତେବେ ଜାଣିବି ଯେ ମୋ ଉପରେ ଆପଣଙ୍କର ମମତା ନାହିଁ ।

ପଟ୍ଟନାୟକ—ମମତା ଅଛି କି ନା ସେ କଥା ତୁ କୁଆଡ଼ୁ ଜାଣିବୁ ? ସେ କଥା ଅନ୍ତର୍ଯ୍ୟାମୀ ଜାଣନ୍ତି ।

ଧରଣୀ—ମମତା ଥିଲେ ଆପଣ କ'ଣ ଛାଡ଼ିଦେଇ ଚାଲିଆସି ଥାନ୍ତେ ? ଆପଣ ତ ଆମକୁ ସବୁ ଛାଡ଼ିଦେଇ କୁଆଡ଼େ ଚାଲିଯାଇ ଶାନ୍ତିରେ ରହିବେ ବୋଲି ବାହାରି ଆସିଛନ୍ତି । ଆପଣ ଯେତେ-ବେଳେ ଶରଧନ ପାଇଁ ଛାଡ଼ି ଯାଉଛନ୍ତି, ଆମ୍ଭମାନଙ୍କ ମୁହଁ ନ ଚାହିଁବେ ବୋଲି ଯେତେବେଳେ ଘରୁ ବାହାରି ଆସିଲେଣି, ତେତେ-ବେଳେ ଆମ ଉପରେ ମମତା ଅଛି ବୋଲି କିପରି ଜଣାଯିବ ?

ପଟ୍ଟନାୟକ—ପାଖରେ ଥିଲେ ଯେ କେବଳ ସ୍ନେହ ମମତାର ପ୍ରମାଣ ମିଳେ ତାହା ନୁହେ, ବାପ ! ସ୍ନେହର ବନ୍ଧନ ଖୁବ୍ ଶକ୍ତ, ମମତାର ରଜ୍ଜୁ ଖୁବ୍ ଲମ୍ବ,—ଏତେ ଲମ୍ବ ଯେ ତାହା ଯେତେ ଇଚ୍ଛା ତେତେ ଦୂରଯାଏଁ ଲମ୍ବିଯାଏ । ପାଖଛଡ଼ା ହେଲେ ଯେ ମନଛଡ଼ା ହୁଅନ୍ତି ତାହା ନୁହେ । ବାପ, ତମକୁ ପିଲ୍ଟିଦିନୁ ପୋଷିପାଳି ବଢ଼େଇଲି । ଏବେ ତମରି ହାତରେ ଗଞ୍ଜଣା ଖାଇ ଖାଇ ପିତା ହେଲିଣି । ଏଣିକି ପାରମି ନାହିଁ । ତମ ଘର ଏବେ ତମେ କର । ମୋ ଦେଇ ତମର ଆଉ କି ଦରକାର ?

ଧରଣୀ—ନା ଠାକୁବା, ଆଉ ସେ କଥା ଗୁଡ଼ାକ ମୁହଁରେ ଧରନ୍ତୁ ନାହିଁ । ସବୁ ଦୋଷ ମୋର । ମୁଁ ସବୁ ଦୋଷ ମାଗି ନଉଛି । ସେତିକି ତ ପିଲାଦିନୁ ଉଦ୍‌ବାର୍ଯ୍ୟ ! କଅଣ କରିବା, ଆଉ ରାଗନ୍ତୁ

Digitized by srujanika@gmail.com

ନାହିଁ । ବାପା ଆଜ ଯିମିତ ରଗିଛନ୍ତି ତାଙ୍କୁ ତ ଦରମରା କରି ସାରିବେନି ! ଆଜି ସେ କଥା ଗୁଡ଼ାକ ମନରେ ପକାନ୍ତୁ ନାହିଁ । ମୋରାଣ ଅଛୁ, ମୋ ଉପରେ ଯଦି ମମତା ଥାଏ, ଆଜି ଦ୍ୱିଧା ନ କରି ଘରକୁ ଫେରି ଚାଲନ୍ତୁ । ସେଠା ମାଡ଼ଖାଇ କୁଆଡ଼େ ପଳାଇବନି, ଘରେ ନ ଥିବ; ଏବେ ଫେରିଜିବା ଚାଲନ୍ତୁ ।

ପଞ୍ଚନାୟକ-ସେ କଥା କହନା ବାପ ! ଆଜି ଯାହା କହିବ, ତାହା କରିବ, କିନ୍ତୁ ସେ ଘରୁ ଆଉ ପାଣି ଛୁଇଁବ ନାହିଁ ।

ଧରଣୀ ବାରମ୍ବାର ଗୋଡ଼ତଳେ ପଡ଼ି ନାନାପ୍ରକାର ବୁଝା-ସୁଝା କରାଇଲାରୁ ବୁଢ଼ାଙ୍କ ମନ ଟିକିଏ ତରଳିଲା । କିନ୍ତୁ ଫେରିବେ କି ନା, କିଛି ଠିକ୍ କରି ପାରିଲେ ନାହିଁ । ଏଣେ ନ ଫେରିଲେ ଧରଣୀ ନ ଛାଡ଼ନ୍ତି, ତେଣେ ଫେରିଲେ ମନ୍ଦରଧର କେତେ ପ୍ରକାରରେ କାନ୍ଥବାଡ଼, ଗୋରୁ ଗାଈ, କୁଆପିଲାଙ୍କୁ ଲଗାଇ ପଟେଇ ଯେଉଁ ବିଦ୍ରୂପ କରିବ ତାହା ମରଣଠୁଁ ବଳିବ । ଏହିପରି ଭାବ ଦୋଦୋପାଞ୍ଚ ହେଉଁ ହେଉଁ ଧରଣୀ ବୁଢ଼ାଙ୍କ ଗୋଡ଼ଧରି ନହାତ୍ ଜିଦ୍ କରିବାରୁ ବୁଢ଼ା ନହାତ୍ ନାରାଜ ହୋଇ ପଛକୁ ଠେଲି ପେଲି ହୋଇ ଗୋଟିଏ ଗୋଟିଏ ପଦକ୍ଷେପ ପକାଇଲେ । ବୁଢ଼ା ଯେତେ ପଛକୁ ପେଲି ହେଉଥାନ୍ତି, ଧରଣୀ ପିଠି ଉପରେ ହାତ ଦେଇ ଆଗକୁ ଠେଲି ଠେଲୁଥାନ୍ତି । ଏତିକି ବେଳେ ଅଭୁଆ କଲ୍ ସାଇକେଲଟା ଯାହାହେଉ ସାଇକେଲ ଏକହାତିଆ ଗଡ଼ାଇ ଗଡ଼ାଇ ଧରଣୀ ବୁଢ଼ାଙ୍କ ସାଙ୍ଗେ ସାଙ୍ଗେ ଚାଲିଲେ । ବାଟସାରା ନାନା ପ୍ରସଙ୍ଗରେ ନାନା କଥାବାର୍ତ୍ତା କରି ବୁଢ଼ାଙ୍କ କୋପ ଶାନ୍ତ କରିବା ପାଇଁ ଧରଣୀ ବରାବର ଚେଷ୍ଟା କରୁଥାନ୍ତି ।

ଘରେ ପହଞ୍ଚିଲ ବେଳକୁ ପ୍ରାୟ ଦ୍ୱିପହର ହେବ । ଏତେ-ବେଳଯାଏଁ ବଣଟା ସାରା ଖାଉଁଆଖାଉ ଉପାସ । ଖାଇଥିବା ଭିତରେ

Digitized by srujanika@gmail.com

ଏକା ମନ୍ଦିରଧର । ତା ଉପରେ ସମସ୍ତେ ଆନ୍ତରିକ ବିମୁଖ ଥିଲେ ମଧ୍ୟ ନିଜେ ସେପରି କୌଣସି ଦୋଷ ଥିବାର ଅନୁମାନ କରି ନ ପାରି, ତା ମନରେ କୌଣସି ଅଶାନ୍ତି ଜାତ ହୋଇନାହିଁ । ତେଣୁ ତାକୁ କେହି କିଛି ନ କହିଲେ ମଧ୍ୟ ସେ ଯଥାରୀତି ସ୍ନାନ ଭୋଜନ ସାରି ଘଙ୍ଗଡ଼ି ନିଦରେ ପଡ଼ିଯାଇଛି । ଏହି ସମୟରେ ଧରଣୀ ଓ ପଟ୍ଟନାୟକେ ପହଞ୍ଚିବାରୁ, ପରିବାରର ସମସ୍ତେ ତରତର ହୋଇ ତାଙ୍କ ସ୍ନାନ ଭୋଜନ ଷୋଡ଼ଶଉପଚାରରେ ଲାଗିଗଲେ । ଗୋସୁବାପ ନାତି ଦୁହେଁ ସାଙ୍ଗରେ ଭୋଜନ ସାରି ଯଥାସ୍ଥାନରେ ବିଶ୍ରାମ ନେବାକୁ ଗଲେ ତତ୍ପରେ କରୁଣାକର ବାବୁ ଓ ଅନ୍ୟାନ୍ୟମାନେ ଭୋଜନ କରିବାକୁ ଗଲେ ।

(୬)

ସେ ଦିନ ଦ୍ୱିତୀୟ ଅଭିନୟଟି ଦେଖିବାପାଇଁ ଯୁବକମାନେ ତତ୍ପର ହୋଇ ସନ୍ଧ୍ୟାବେଳକୁ ଠାକୁର ମନ୍ଦିରରେ ଯୋଗାଡ଼ରେ ଲାଗିଗଲେ । ଯୁବକମାନେ ଯୋଗାଡ଼ରେ ଲାଗିଥିବା ସମୟରେ ଧରଣୀ ବୁଢ଼ାଙ୍କ ମନ ପରିବର୍ତ୍ତନ କରାଇବାରେ ମନପ୍ରାଣ ଦେଇ ଲାଗିଥାନ୍ତି । ବୁଢ଼ା ସନ୍ଧ୍ୟା ଶେଷ କରି ତୁଳସିଚଉରା ଉପରେ ବସିଥିବା ସମୟରେ ଧରଣୀ ବିନମ୍ରସ୍ୱରରେ ଆରମ୍ଭ କଲେ,— "ଠାକୁବା, ଆମ୍ଭେମାନେ ଏତେ ଆଗ୍ରହରେ ଭଲ ହେଉ ମନ୍ଦ ହେଉ ଗୋଟିଏ କାମ ଆରମ୍ଭ କଲୁଁ । ଆପଣଙ୍କ ଭଳି ବିଜ୍ଞଲୋକ ଦେଖିଲେ ସିନା ଭଲମନ୍ଦ, ଦୋଷାଦୋଷ ଧରାପଡ଼ନ୍ତା । ଆଜି ସେହିଭଳି ଶାହ୍ରେ ଲୋକ ଦେଖିବା ନ ଦେଖିବା ସମାନ ।"

ପଟ୍ଟନାୟକ—ଆଜି ? ପୁଣି ସେ ଯାଗାକୁ ଯିବି ? ତାହା ହୋଇନାହିଁ କି ହବନାହିଁ । ଯଦି ସେ ମନ୍ଦରାକୁ ସେଠୁ କାଢ଼ିଦେବ, ତେବେ ଯାଇପାରେଁ ।

Digitized by srujanika@gmail.com

ଧରଣୀ—ଠାକୁର, ଆପଣ ସିନା ମିଛଟାରେ ମଦନ ଉପରେ ଏତେ ରାଗୁଛନ୍ତି । କିନ୍ତୁ ପ୍ରକୃତରେ ସେ ବିଚାରର କିଛି ଦୋଷ ନାହିଁ ।

ପଟ୍ଟନାୟକ—ହଁ ରେ, ନ କହିବୁ କାହିଁକି ? ଆଜି କଣ ମଦନ ହାତରେ ଯୋତା ମରାଇବାକୁ ତୋର ଇଚ୍ଛା ଅଛି ନା କଣ ?

ଧରଣୀ— ନା ଠାକୁର, ମିଛଟାରେ ରାଗନ୍ତୁ ନାହିଁ । ମଦନର କିଛି ଦୋଷ ନାହିଁ । ଆପଣ କେବେ ଥିଏଟର ଦେଖି ନାହାନ୍ତି । ଏଥିରେ ଗୋଟିଏ ଦୃଶ୍ୟ ଶେଷ ହେଲେ ପରଦା ପକାଇବାକୁ ହୁଏ ? ଏହି ଅଳ୍ପସମୟ ମଧ୍ୟରେ ଆଉ ଗୋଟେ ଦୃଶ୍ୟର କାର୍ଯ୍ୟ ଠିକ୍‌ଠାକ୍ କରି ପରଦା ଟେକାଯାଏ । ଆପଣ ଯେପରି ବଙ୍ଗଲୋକ ସେ ଯାତ୍ରା ଥରେ ମୂଳରୁ ଶେଷଯାଏଁ ଦେଖିଲେ ସବୁ ବୁଝି ପାରିବେ ।

ଧରଣୀ ଯେତେ ବୁଝାଇଲେ ସୁଦ୍ଧା ପଟ୍ଟନାୟକେ ବୁଝିବାର ଲୋକ ନୁହନ୍ତି । ତାଙ୍କର ସେହି ଏକଜିଦ୍,-ମଦନ ସେ ଦଳରୁ ବାଦ୍ ନ ଗଲେ ସେ ଯିବେ ନାହିଁ । ତେଣୁ ମଦନକୁ ଦଳରୁ ବାଦ୍ ଦେବା-ପାଇଁ ଧରଣୀକୁ ଅଗତ୍ୟା ସ୍ୱୀକାର କରିବାକୁ ପଡ଼ିଲା । ବୁଢ଼ା ଥିଏଟର ଦେଖିବାପାଇଁ ରାଜି ହୋଇ ଧରଣୀ ସହିତ ବାହାରିଲେ ।

ନିର୍ଦ୍ଦିଷ୍ଟ ସମୟର ଅନେକ ଆଗରୁ ଦର୍ଶକ ମଣ୍ଡଳୀ ଏକତ୍ରିତ ହୋଇଥିଲେ । ତେଣୁ ନିର୍ଦ୍ଦିଷ୍ଟ ସମୟରେ ଯାତ୍ରା ଆରମ୍ଭ ହେଲା । ସଙ୍ଗୀତ-ପଟ୍ଟରସିକ ପଟ୍ଟନାୟକେ ଅବହିତ ଭାବରେ ଗୀତ, ବାଦ୍ୟ ଓ ଅଭିନୟମାନ ଶୁଣି ଓ ଦେଖି କ୍ରମେ ତୃପ୍ତ ହେବାକୁ ଲାଗିଲେ । ପ୍ରଥମଥର ପରଦା ଟେକା ହୋଇ ପଡ଼ିବାବେଳେ ମଦନ କରଣୀ ତାଙ୍କ ମନରେ ଧାକ୍କା ମାରିଥିଲା । କିନ୍ତୁ ବଳେ, କଳେ, କୌଶଳେ କୋପ ଦମନକରି ବସିରହି ଯାତ୍ରା ଦେଖିଲେ । ବାରମ୍ବାର ପଟ୍ଟ

Digitized by srujanika@gmail.com

ପରିବର୍ତ୍ତନ ଦେଖି କଥାଟା ସେ ଧରିପାରିଲେ । ନିଜର ଭ୍ରମ ସମ୍ପୂ ସମୟରେ ମନରେ ପଡ଼ିଯାଉଥିବାରୁ ଅନୁତାପ ଆସି ତାଙ୍କ ହୃଦୟରେ ଏକକୋଣରେ ଉଙ୍କି ମାରୁଥାଏ ।

ଚତୁର୍ଥ ଦୃଶ୍ୟରେ ମନ୍ଦରଧର ଶ୍ରୀକୃଷ୍ଣ ବେଶରେ ଅବତୀର୍ଣ୍ଣ ହେଲେ । ମୁରଲୀଧାରୀ କୃଷ୍ଣମେଘବର୍ଣ୍ଣ ଶ୍ରୀକୃଷ୍ଣଙ୍କୁ ଦେଖିବାମାତ୍ରେ, ପଟ୍ଟନାୟକଙ୍କର ଭାବାନ୍ତର ଉପସ୍ଥିତ ହେଲା । ଭଗବାନ୍ ଶ୍ରୀକୃଷ୍ଣଙ୍କର ଶାସ୍ତ୍ରବର୍ଣ୍ଣିତ ମଧୁର ମନୋହର ରୂପ ରଙ୍ଗମଞ୍ଚରେ ଦେଖିବାକୁ ପାଇ ଓ କୌଣସି ଭକ୍ତ ପ୍ରତି ତାଙ୍କର କୋମଳକାନ୍ତ ବାକ୍ୟାବଳୀ ଶୁଣି ସେ ମୁଗ୍ଧବିସ୍ମୟରେ ବିହ୍ବଳ ହେଲେ । ହଠାତ୍ ଆସନରୁ ଉଠି ପଡ଼ି ସାଷ୍ଟାଙ୍ଗ ପ୍ରଣାମ କଲାମାତ୍ରେ କୃଷ୍ଣବେଶଧାରୀ ମନ୍ଦରଧର ରଙ୍ଗମଞ୍ଚରୁ ଡେଇଁପଡ଼ି ବୁଢ଼ାଙ୍କୁ କୁଣ୍ଢାଇ ପକାଇ କହିଲେ—ଠାକୁବା, ଠାକୁବା, କଅଣ କରୁଛ ? ମୁଁ ପ୍ରକୃତ କୃଷ୍ଣ ନୁହେଁ, ମୁଁ ସେହି ମନ୍ଦରା ! ଯାତ୍ରା ଦଳରୁ ବାଦ୍ ଯାଇନାହିଁ । ଦୋଷ କ୍ଷମା କରନ୍ତୁ ।"

ପଟ୍ଟନାୟକଙ୍କ ଚେତା ପଶିଲା । ସେ ପାଟି ବାରିନେଇ ଦେଖିଲେ, ସେ ପ୍ରକୃତ ମନ୍ଦରା । ସେ ପ୍ରକୃତିସ୍ଥ ହୋଇ ପୁଣି ଯାତ୍ରା ଦେଖିବାକୁ ଲାଗିଲେ । ଯାତ୍ରା ଯଥାରୀତି ରାତି ତିନଟାବେଳେ ଶେଷ ହେବାରୁ ଧରଣୀ ବୁଢ଼ାଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଲେ । ଘରେ ପହଞ୍ଚି ଗୋସ୍ବାପ ନାତି ବଙ୍ଗଳାରେ ବିଶ୍ରାମ ନେଲାବେଳେ ନାନା କଥା ପଡ଼ିଲା । ପଟ୍ଟନାୟକେ ନିଜର ଭୁଲ ସ୍ବୀକାର କରି କହିଲେ,—"ଧରଣୀ, କେଡ଼େବଡ଼ ଭୁଲଟାଏ କରି ମିଛଟାରେ ଏତେ ଗୁଡ଼ାଏ ଅଶାନ୍ତ ଭୋଗ କଲି ଲୋ ବାପ ! ଆମ ଅମଳରେ ତ ଇମିତି ଯାତ୍ରା ନ ଥିଲା, ଏବେ ଏଣିକି ଇମିତି ଯାତ୍ରା ବାହାରିଲାଣି ବୋଲି କିଏ ଜାଣେ ? ଯାହା ହେଉ ଅରେ ବୁଢ଼ାଳା, ବୁଢ଼ାଳ । ବୁଦ୍ଧି

Digitized by srujanika@gmail.com

ହୁଡ଼ଲେ ଘୋଡ଼ ମଶବା ବା ବୃଡ଼ମରିବା ଅସମ୍ଭବ ନୁହେ । ଆଉ କେଭେଁ ଇମିତ ହୁଡ଼ମି ନାହିଁ ।

ଧରଣୀ—କି କଥା କହୁଛ ସାଆନ୍ତ ବା ? ନ ହୁଡ଼ୁଛି କିଏ ? ହୁଡ଼ବାଟ ସଂସାରରେ ଲାଗିଛି । ଯୋଗୀ ଋଷି ମାନଙ୍କରବ ବୁଦ୍ଧି ହୁଡ଼ି ଯାଉଛି । ତମେ ଆମେବା ନ ହୁଡ଼ବା କିପରି ?

ପଞ୍ଚନାୟକ ହଉ ବାପ, ହୁଡ଼ବା ଯଦି ମନୁଷ୍ୟପକ୍ଷେ ନିଶ୍ଚିତ ଓ ଅନିବାର୍ଯ୍ୟ, ଆଉ କେଭେଁ ଖଡ଼ିବ ନାହିଁ । ଖଡ଼ବାଟା ଅତି ମନ୍ଦ, ଅଶାନ୍ତିର ଭଣ୍ଡାର ! ଯଦି କେବେ ହୁଡେଁ ଆଉ ଖଡ଼ିବ ନାହିଁ ।

(ସମାପ୍ତ)

ଦ କ୍ୱାଲିଟି ପ୍ରିଣ୍ଟର୍ସ, ସମ୍ବଲପୁର

Digitized by srujanika@gmail.com